# ଉତ୍କଳ ପ୍ରସଙ୍ଗ

ସମ୍ପାଦକ
ଶ୍ରୀ ସୁଧୀରଚନ୍ଦ୍ର ଘୋଷ
ପବ୍ଲିକ ରିଲେସନ୍ସ ଅଫିସର୍

ସହଯୋଗୀ ସମ୍ପାଦକ
ଶ୍ରୀ ବନ୍ଦନଚରଣ ପଟ୍ଟନାୟକ, ବି. ଏଲ୍.
ପ୍ରଡକ୍ସନ୍ ଅଫିସର୍

ଓଡ଼ିଶା ସରକାରଙ୍କ ଲୋକସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ

ଫୋନ୍—ଭୁବନେଶ୍ୱର, ୧୯ ଓ ୪୦ ଟେଲିଗ୍ରାମ୍—ପବ୍ଲିସିଟି, ଭୁବନେଶ୍ୱର

ବାର୍ଷିକ ଅଗ୍ରିମ ମୂଲ୍ୟ—ଦୁଇ ଟଙ୍କା

ମୁଦ୍ରାକର—ଶ୍ରୀ ଅନସୂୟା ପ୍ରସାଦ ପାଠକ, ସତ୍ୟଭାଷା ସମବାୟ ପ୍ରେସ, କଟକ-୧

ଉତ୍କଳ ପ୍ରସଙ୍ଗ

## ଗ୍ରାହକ ହେବାର ନିୟମାବଳୀ

ଉତ୍କଳ ପ୍ରସଙ୍ଗ ପ୍ରତି ଇଂରାଜୀ ମାସ ୧୫ ତାରିଖରେ ପ୍ରକାଶିତ ହୁଏ । ନଗଦ ଛଅଟଙ୍କା ପଠାଇଲେ ଜନସମ୍ପର୍କ ଅଫିସରଙ୍କୁ ଅଗ୍ରିମ ଦେଇ ଟଙ୍କା ମୂଲ୍ୟ ଦେଲେ ଅଥବା ମନିଅର୍ଡ଼ରଦ୍ୱାରା ପଠାଇଲେ ଅଥବା ଉପଲକ୍ଷିତ ଠିକଣାକୁ ଉକ୍ତ ମୂଲ୍ୟ ପଠାଇ ଦେଲେ ଅଗ୍ରିମ ବର୍ଷକ ପର୍ଯ୍ୟନ୍ତ ଏ ପତ୍ରିକାର ଗ୍ରାହକ ହୋଇ ପାରିବେ । ଚିଠିରେ ବା ମନିଅର୍ଡ଼ର କୁପନରେ ନିଜର ପୂରା ଠିକଣା ଲେଖିବେ ।


**ଲୋକସମ୍ପର୍କ ଅଫିସର, ଓଡ଼ିଶା**

ପୋ: ଅ: ନୂଆ ରାଜଧାନୀ, ଭୁବନେଶ୍ୱର (ପୁରୀ)

## ସୂଚୀ


| ବିଷୟ | ପୃଷ୍ଠା |
|---|---|
| ୧ । ଅସ୍ପୃଶ୍ୟତା ନିବାରଣ ପାଇଁ କେନ୍ଦ୍ର ସରକାରଙ୍କ ଆଇନ ... ... | ୨୬୨ |
| ୨ । ଦ୍ୱିତୀୟ ଶ୍ରେଣୀ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଛନ୍ଦ୍ୟବିଧାନରେ ନୂତନ ଅଧ୍ୟାୟ ... | ୨୬୪ |
| ୩ । ପ୍ରଧାନମନ୍ତ୍ରୀଙ୍କ ଭାଷଣର ସାରାଂଶ:— | |
| (କ) ଭାରତ ବହୁସଂଖ୍ୟା ସାହିତ୍ୟ ସମ୍ପଦ ... ... ... | ୨୭୨ |
| (ଖ) ଶିକ୍ଷା—ନିଖିଳ ଭାରତ ପ୍ରାଇମେରୀ ଶିକ୍ଷକ ସମ୍ମିଳନୀ ... ... | ୨୭୩ |
| ୪ । ମଧ୍ୟପ୍ରଦେଶ ନେପାନଗରରେ କାଗଜ କାରଖାନା ... ... ... | ୨୭୪ |
| ୫ । ଲୋକସଂଘଙ୍କ ଉଦ୍ୟୋଗ କଟକଠାରେ ରୋଗ, କୃଷି ଓ ଶିଳ୍ପ ପ୍ରଦର୍ଶନୀ—(ଫୋଟୋ ସହ) ... | ୨୭୭ |
| ୬ । ଭୂଦାନ ସମାଚାର—ସର୍ବପ୍ରଥମ ଗ୍ରାମର ଘୋଷଣା ... ... ... | ୨୭୯ |
| ୭ । ଓଡ଼ିଶାରେ ଭୂଦାନଯଜ୍ଞର ଅଗ୍ରଗତି:— | |
| ୨୫ । ୨ । ୫୫ ପର୍ଯ୍ୟନ୍ତ ପ୍ରାପ୍ତ ଗ୍ରାମ ଓ ଦାନପତ୍ରର ହିସାବ ... ... | ୨୭୩ |
| ୮ । ଛୁଟୀ କମିସନ ... ... ... ... | ୨୭୬ |
| ୯ । ମାସପଞ୍ଜୀ ... ... ... ... | ୨୭୭ |
| ୧୦ । ପଞ୍ଚଶୀଳ ... ... ... ... | ୨୮୧ |
| ୧୧ । ଜାଣନ୍ତି କି ? ... ... ... ... | ୨୮୩ |
| ୧୨ । ବିଜ୍ଞପ୍ତି ... ... ... ... | ୨୮୫ |
| ୧୩ । କଟକ ବଜାର ଦର—(୧୯୫୫ ଏପ୍ରିଲ ଓ ମେ) ... ... ... | ୨୯୪ |

## ପୁରୀ ରଥଯାତ୍ରା



ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ଭକ୍ତ ଜନଗହଳି



ସ୍ୱାସ୍ଥ୍ୟ ଉପମନ୍ତ୍ରୀ ଶ୍ରୀମତୀ ବସନ୍ତମଞ୍ଜରୀ ଦେବୀ ଗତ ରଥଯାତ୍ରା ସମୟରେ ସହରର ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ପର୍ଯ୍ୟବେକ୍ଷଣ କରୁଛନ୍ତି

# ଅସ୍ପୃଶ୍ୟତା ନିବାରଣ ପାଇଁ କେନ୍ଦ୍ର ସରକାରଙ୍କ ଆଇନ

ଭାରତ ସମ୍ବିଧାନରେ କୁହାଯାଇଛି "ଅସ୍ପୃଶ୍ୟତା ବିଲୋପ ହେବ ଏବଂ କୌଣସି ଆକାରରେ କେହି ଅସ୍ପୃଶ୍ୟତା ଆଚରଣ କରିପାରିବ ନାହିଁ । ଯଦି ଅସ୍ପୃଶ୍ୟତା କାରଣରୁ କେହି କାହାର କୌଣସି କ୍ଷମତା କ୍ଷୁଣ୍ଣ କରେ ତାହାହେଲେ ସେ ଅପରାଧ ଯୋଗୁଁ ସେ ଦଣ୍ଡନୀୟ ହେବ ।" ସମ୍ବିଧାନର ଅସ୍ପୃଶ୍ୟତା ନିବାରଣ ସଂକ୍ରାନ୍ତରେ ଏ ବ୍ୟବସ୍ଥା ଅଛି । ଅସ୍ପୃଶ୍ୟତାକୁ ଦଣ୍ଡନୀୟ କରିବାପାଇଁ ଭାରତରେ ବିଭିନ୍ନ ରାଜ୍ୟ ସରକାର ଏକୋଇଶଟି ଆଇନ କାର୍ଯ୍ୟକାରୀ କରିଅଛନ୍ତି । ଅସ୍ପୃଶ୍ୟତା କାରଣରୁ କେତେକ ନାଗରିକଙ୍କ କ୍ଷମତା କ୍ଷୁଣ୍ଣ ହେଉଥିବାରୁ ଏ ଆଇନରେ ଅସ୍ପୃଶ୍ୟତାକୁ ଦଣ୍ଡନୀୟ କରି ତନ୍ନିମନ୍ତେ ଶାସ୍ତିର ବ୍ୟବସ୍ଥା କରାଯାଇଛି । ଏଥିମଧ୍ୟରୁ ମୁଖ୍ୟ ଆଇନ ହରିଜନଙ୍କ ମନ୍ଦିର ପ୍ରବେଶ ସଂକ୍ରାନ୍ତରେ— ପୁରଣାଗତ କାଳରୁ ହରିଜନମାନଙ୍କୁ ମନ୍ଦିର ପ୍ରବେଶ ଅଧିକାରରୁ ବଞ୍ଚିତ କରାଯାଇଛି ।

ଭାରତ ସମ୍ବିଧାନ ଅନୁସାରେ ତପସିଲଭୁକ୍ତ ଜାତି ଓ ସମ୍ପ୍ରଦାୟମାନଙ୍କ ନିମନ୍ତେ ଜଣେ କମିସନର ନିଯୁକ୍ତ ହୋଇଅଛନ୍ତି । ତାଙ୍କୁ ହରିଜନ ପରିସ୍ଥିତି ସମ୍ପର୍କରେ ରାଷ୍ଟ୍ରପତିଙ୍କ ନିକଟରେ ବର୍ଷର ବିଭିନ୍ନ ସମୟରେ ରିପୋର୍ଟ ଦେବାକୁ ହୁଏ । ୧୯୫୩ ରିପୋର୍ଟରୁ ଜଣାଯାଇଛି ଯେ ଅସ୍ପୃଶ୍ୟତା ନିବାରଣ ଦିଗରେ ବିଶେଷ କୌଣସି ଅଗ୍ରଗତି ହୋଇ ନାହିଁ ।

ଭାରତ ସମ୍ବିଧାନସତ୍ତ୍ୱେ ଓ ବିଭିନ୍ନ ରାଜ୍ୟରେ ପ୍ରଚଳିତ ୨୧ଟି ଆଇନ ସତ୍ତ୍ୱେ ଏହା ଅଶିକ୍ଷିତ ଜନସାଧାରଣଙ୍କ ମଧ୍ୟରେ ନୁହେଁ, ପରନ୍ତୁ ସରକାରୀ ସଂସ୍ଥାମାନଙ୍କରେ ମଧ୍ୟ ଅସ୍ପୃଶ୍ୟତା ପ୍ରଚଳିତ ରହିଛି; ଅଶିକ୍ଷିତ ଜନସାଧାରଣଙ୍କ ମଧ୍ୟରେ ଅବଶ୍ୟ ଅପେକ୍ଷାକୃତ ବେଶି । ତାଞ୍ଜୋର ଜିଲ୍ଲା-କୁମ୍ଭକୋଣମ ତାଲୁକରେ ହରିଜନମାନଙ୍କୁ ସ୍ଥାନୀୟ ଭୋଜଘରେ ପ୍ରବେଶ କରିବାର ଅଧିକାର ଦିଆଯାଉ ନ ଥିଲା ଏବଂ ସର୍ଭକର କଣରେ ଗୋଟିଏ ଟିଣ ବାକ୍ସ ସେମାନଙ୍କ ପାଇଁ ଟଙ୍ଗା ହୋଇଥିଲା । ପାର୍ଲାମେଣ୍ଟ ହାଉସ ଓ ମହାତ୍ମା ଗାନ୍ଧୀ ରହୁଥିବା 'ଭଙ୍ଗୀ କଲୋନୀ'ର ଅଧମାଇଲ ମାତ୍ର ଦୂରରେ ଜଣେ ରେସିଡେଣ୍ଟ ମାଜିଷ୍ଟ୍ରେଟ୍ଙ୍କ ହତାରେ କେତେକ ତପସିଲଭୁକ୍ତ ଜାତି ଲୋକ ଗୋଟିଏ ଜଳାଧାରରୁ ପାଣି ପିଉଥିଲେ, ଏଥିଯୋଗୁଁ ରେସିଡେଣ୍ଟ ମାଜିଷ୍ଟ୍ରେଟଙ୍କ ଜଣେ ନଉକର, ଜଣେ କନଷ୍ଟେବଲ ଓ ଜଣେ ହେଡ଼ କନଷ୍ଟେବଲ ସେମାନଙ୍କୁ ଗାଳି ଦେଇଥିଲେ ଏବଂ ସେମାନେ ଯେଉଁ ସବୁ ପାତ୍ରକୁ ଛୁଇଁ ନଷ୍ଟ କରିଥିଲେ, ତାହାର ମୂଲ୍ୟ ଦେବାପାଇଁ ସେମାନଙ୍କୁ ବାଧ୍ୟ କରିଥିଲେ ।

ତଫସିଲଭୁକ୍ତ ଜାତି ଓ ସଂପ୍ରଦାୟ କମିସନରଙ୍କ ରିପୋର୍ଟରେ ଏଥିର ଉଲ୍ଲେଖ ଅଛି ।

## ଜୁନ ୧ ତାରିଖରୁ କେନ୍ଦ୍ର ଆଇନ ଜାରି ହେଲା

ଏଥିଯୋଗୁଁ କେନ୍ଦ୍ର ସରକାର କେନ୍ଦ୍ର ବ୍ୟବସ୍ଥା ସ୍ୱହସ୍ତ ଏ ପରିସ୍ଥିତିର ପ୍ରତିକାର କରିବାକୁ ଅଗ୍ରସର ହେଲେ । ଏବେ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ଅସ୍ପୃଶ୍ୟତା (ଅପରାଧ) ଆଇନ ପାସ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିଅଛି । ୧୯୫୫ ମସିହା ମେ ମାସ ୮ ତାରିଖଠାରୁ ଏହା ଆଇନରେ ପରିଣତ ହୋଇଅଛି । ଜୁନ ୧ ତାରିଖରୁ ଏହା ସମଗ୍ର ଭାରତରେ ଜାରି ହୋଇଛି ।

ଏ ଆଇନରେ ଅସ୍ପୃଶ୍ୟତା ପାଇଁ ଦଣ୍ଡ ବିଧାନ କରାଯାଇଛି । ଅସ୍ପୃଶ୍ୟତା ଯୋଗୁ ଯେଉଁ ଅପରାଧ ସବୁ ହୁଏ, ଏ ଆଇନରେ ସେ ସବୁକୁ ଚାରି ଭାଗରେ ବିଭକ୍ତ କରାଯାଇଛି; ଯଥା:—

(୧) ଧର୍ମାଚରଣରେ ବାଧା ସୃଷ୍ଟି କରିବା ।

(୨) ସମାଜରେ ଚଳାଚଳ ହେବାର ବାଧା ସୃଷ୍ଟି କରିବା ।

(୩) ଡାକ୍ତରଖାନା, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଅନୁଷ୍ଠାନରେ ପ୍ରବେଶ କରିବାରେ ବାଧା ଦେବା ।

(୪) ଜିନିଷପତ୍ର କିଣିବାକୁ ବା କାମଦାମ କରିବାକୁ ମନା କରିବା ।

ଶେଷ ଶ୍ରେଣୀର ଅପରାଧ ଭିତରେ ଅସ୍ପୃଶ୍ୟତା-ଜନିତ ସବୁ ପ୍ରକାର ଅପରାଧ ପଡ଼ିଯିବ ।

## ଅପରାଧ ପାଇଁ ଶାସ୍ତି

ଏ ଆଇନରେ ବର୍ଣ୍ଣିତ ଅପରାଧମାନଙ୍କ ପାଇଁ ଛଅମାସ ପର୍ଯ୍ୟନ୍ତ ଜେଲଦଣ୍ଡ ବା ଟ ୫୦୦୲ ପର୍ଯ୍ୟନ୍ତ ଜୋରିମାନା ଦଣ୍ଡ ବା ଏ ଉଭୟ ଦଣ୍ଡ ଦିଆଯିବ । ଅପରାଧୀ ଯଦି ଲାଇସେନସ ପାଇ କୌଣସି ବୃତ୍ତି ବେପାର କରୁଥାନ୍ତି ତାହାହେଲେ ଏ ଦୁଇ ଦଣ୍ଡ ସହିତ ଅପରାଧୀଙ୍କର ଲାଇସେନସ ରଦ କରି ଦିଆଯିବ ବା କିଛି ସମୟ ପାଇଁ ଅଚଳ କରି ଦିଆଯିବ । କୌଣସି ସର୍ବସାଧାରଣ ଧର୍ମାନୁଷ୍ଠାନର ମେନେଜର ବା ଟ୍ରଷ୍ଟି ଯଦି ଏ ଅପରାଧ କରନ୍ତି, ତାହାହେଲେ ଏ ଧର୍ମାନୁଷ୍ଠାନକୁ ଦିଆଯାଉଥିବା ସରକାରୀ ଗ୍ରାଣ୍ଟ ପୁରାପୁରି ହେଉ ବା ଆଂଶିକ ହେଉ ସରକାର ବନ୍ଦ କରି ଦେବେ । ଅସ୍ପୃଶ୍ୟମାନଙ୍କ ପ୍ରତି ସାକ୍ଷ୍ୟ ଦେବା ବ୍ୟାପାର ମଧ୍ୟ କୋହଳ କରି ଦିଆଯାଇଛି । ତଫସିଲଭୁକ୍ତ ଜାତିର ଲୋକଙ୍କ ପ୍ରତି କୌଣସି ଅପରାଧ କରାଯାଇଥିଲେ ଅଦାଲତକୁ ଧରି ନେବାକୁ ହେବ ଯେ ଅସ୍ପୃଶ୍ୟତା ଯୋଗୁଁ ଏ ଅପରାଧ ଆଚରିତ ହୋଇଛି । ଅଭିଯୁକ୍ତ ବ୍ୟକ୍ତି ପ୍ରମାଣ ଦେଇ ନ ପାରିଲେ ଅଦାଲତଙ୍କ ସିଦ୍ଧାନ୍ତ ପରିବର୍ତ୍ତିତ ହେବ ନାହିଁ । ଏ ଆଇନ ଅନୁସାରେ ସରକାର ମୁଦେଇ ହୋଇ ମକଦ୍ଦମା ଚଳାଇବେ—ଅର୍ଥାତ ମକଦ୍ଦମା ପୁଲିସ କେସ୍ ହେବ ।

ଏ ପର୍ଯ୍ୟନ୍ତ ଭାରତର ରାଜ୍ୟରେ ୬୧ଟି ଅସ୍ପୃଶ୍ୟତା ନିବାରଣ ଆଇନ ପ୍ରଚଳିତ ଥିଲା; କିନ୍ତୁ ସେ ସବୁ ଦ୍ୱାରା କୌଣସି ସୁଫଳ ଫଳୁ ନ ଥିଲା । କିନ୍ତୁ କେନ୍ଦ୍ର ସରକାରଙ୍କର ଏ ଆଇନରେ ଅସ୍ପୃଶ୍ୟତାଘଟିତ ସବୁ ଅପରାଧ ବର୍ଣ୍ଣିତ ହୋଇଛି ଏବଂ ଅପରାଧମାନଙ୍କ ପାଇଁ ଯେଉଁ ଶାସ୍ତି ବିଧାନ କରାଯାଇଛି ତାହା ମଧ୍ୟ ଯୁକ୍ତିଯୁକ୍ତ ହୋଇଅଛି । ସାରା ଭାରତରେ ଏଣିକି ଏହି ଗୋଟିଏ ଆଇନ ଚାଲୁ ରହିବ—ଅର୍ଥାତ ରାଜ୍ୟମାନଙ୍କରେ ପ୍ରଚଳିତ ଆଇନ ସବୁ ନିର୍ଦ୍ଦିଷ୍ଟ ସୀମାରେ କାଏମ ରହିବ, ଏତାବେଳେକେ ରଦ ହେବନାହିଁ । ଅସ୍ପୃଶ୍ୟତା ନିବାରଣ ପାଇଁ ଆଇନ ତିଆରି କରି ଦେଲେ ହେବ ନାହିଁ । ଆଇନ ପାସ ହୋଇଗଲେ ସଂସାରରୁ ସବୁ ଦୋଷ ସବୁ ଗଳଦ ଗୁଁ ଗୁଁ ଦୂର ହୋଇଯିବ ନାହିଁ । କେନ୍ଦ୍ର ମନ୍ତ୍ରୀସମାନ୍ତରୁ କହିବେ

ନାହିଁ ବୋଲି ଆଇନ ଥାଇପାରେ । ସରକାର ଆଇନକୁ କାମରେ ଖଟାଇ ପାରନ୍ତି; କିନ୍ତୁ ସ୍ୱଦେଶୀମାନଙ୍କୁ ସ୍ୱେଚ୍ଛାକୃତ ଏ ଭଲ ନିୟମ କେହି ହେଲେ ବାଧ୍ୟତାମୂଳକ ଭାବରେ କାର୍ଯ୍ୟକାରୀ କରିଇ ନ ପାରେ । କେନ୍ଦ୍ର ସରକାରଙ୍କ ଆଇନ ବଳରେ ତଥାକଥିତ ଅସ୍ପୃଶ୍ୟ ଲୋକଙ୍କୁ ପ୍ରକାଶ୍ୟ ଅପମାନ ବା ଅତ୍ୟାଚାରରୁ ରକ୍ଷା କରାଯାଇ ପାରେ; କିନ୍ତୁ ଏହା ବଳରେ ସେମାନେ ଆମ୍ଭମାନଙ୍କ ସମାଜର ସ୍ତରକୁ ଆସି ପାରିବେ ନାହିଁ । ସେମାନଙ୍କୁ ସେ ସ୍ତରକୁ ଆଣିବାକୁ ହେଲେ ଜନମତକୁ ପରିବର୍ତ୍ତନ କରିବାକୁ ହେବ, ବିବେକକୁ ଜାଗ୍ରତ କରିବାକୁ ହେବ ଏବଂ କର୍ମିଷ୍ଠ ସେବାବ୍ରତ ଲୋକ ଏହି ସଂସ୍ଥାନ ଅଛୁଆଁମାନଙ୍କ ମଧ୍ୟରେ ସମାଜସେବାମୂଳକ କାର୍ଯ୍ୟ କରିବାକୁ ପଡ଼ିବ ।

## ସରକାରଙ୍କ କର୍ତ୍ତବ୍ୟ

ଦେଖାଯାଉଛି ଯେ ମହାତ୍ମାଙ୍କ ମୃତ୍ୟୁପରେ ଦେଶରେ ସମାଜସେବାମୂଳକ କାର୍ଯ୍ୟ ଧିମେଇ ଯାଇଛି । ଯେଉଁମାନେ ମହାତ୍ମାଜୀଙ୍କର ଶିଷ୍ୟ ସେମାନେ ସମାଜସେବା କାର୍ଯ୍ୟର ଧ୍ୱଜା ଉଡ଼ାଉଛନ୍ତି; କିନ୍ତୁ ସର୍ବସାଧାରଣଙ୍କ ମଧ୍ୟରେ ସମାଜ ସେବା ପାଇଁ ଆଉ ଉତ୍ସାହ ଦେଖାଯାଉ ନାହିଁ । ଦାୟିତ୍ୱ ସରକାରଙ୍କ ଉପରକୁ ଠେଲି ଦେଇ ସର୍ବସାଧାରଣ ଆପଣା ଉପରୁ ଦାୟିତ୍ୱ ହଟାଇ ଦେଉଅଛନ୍ତି ।

ସରକାର ଅସ୍ପୃଶ୍ୟତା ନିବାରଣ ପାଇଁ ନିଜ କର୍ତ୍ତବ୍ୟ କରୁଅଛନ୍ତି—ସୁବ୍ୟବସ୍ଥାରେ ମଧ୍ୟ କରୁଅଛନ୍ତି । ସମ୍ବିଧାନ ଦ୍ୱାରା ଅସ୍ପୃଶ୍ୟତାର ଉଚ୍ଛେଦ କରିଅଛନ୍ତି ଏବଂ ପଞ୍ଚବାର୍ଷିକ ଯୋଜନାରେ ହରିଜନ ଉନ୍ନୟନ ପାଇଁ ଯଥେଷ୍ଟ ଟଙ୍କାର ବ୍ୟବସ୍ଥା ରଖିଛନ୍ତି । ତପସିଲଭୁକ୍ତ ଜାତିଙ୍କ ପାଇଁ ସରକାରୀ ଚାକିରିର ନିର୍ଦ୍ଦିଷ୍ଟ ଅଂଶ ସୁରକ୍ଷିତ ରଖିଅଛନ୍ତି । ଏପରି କରିବା ଦ୍ୱାରା ସରକାରୀ ଚାକିରି ପାଇଁ ଉକ୍ତ ଲୋକଙ୍କ ସଂଖ୍ୟା ବଢ଼ିପାରେ ଏବଂ ଚାକିରିର ନିର୍ଦ୍ଦିଷ୍ଟ ଅଂଶ ଏଥିରେ ସୁରକ୍ଷିତ ରଖିବା ଯୋଗୁ ସମାଲୋଚନା ହୋଇପାରେ; କିନ୍ତୁ ଏହା କରିବା ଛଡ଼ା ଗତ୍ୟନ୍ତର ନାହିଁ । ସମାଜ ତାର କର୍ତ୍ତବ୍ୟ କରୁନାହିଁ—ଅସ୍ପୃଶ୍ୟ ପିଲାମାନଙ୍କୁ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ପଢ଼ିବାକୁ ଦେଉନାହିଁ, ସେମାନଙ୍କ ସହିତ ମିଳାମିଶା କରିବାର ବା ସଂସର୍ଗ ରଖିବାର ସୁଯୋଗ ଦେଉନାହିଁ । ସରକାରୀ ଚାକିରି ପାଇଁ ଉପଯୁକ୍ତ ଯୋଗ୍ୟତା ଅର୍ଜ୍ଜନ କରିବାର ସୁବିଧା ପାଇବାରେ ସେମାନଙ୍କୁ ବାଧା ଦେଉଅଛୁ । ତେଣୁ ସେମାନଙ୍କୁ ‘ଆଗେ ଯୋଗ୍ୟ ହୁଅ, ପରେ ଚାକିରି ପାଇବ’ ଏପରି କହିବାରେ ଔଚିତ୍ୟ କେଉଁଠି ? ଇଂରେଜ ଶାସକମାନେ ଏହିପରି ଆମ୍ଭମାନଙ୍କୁ କହୁ ନ ଥିଲେ କି ? ‘ଆଗେ ଯୋଗ୍ୟ ହୁଅ ପରେ ସ୍ୱାଧୀନତା ପାଇବ ବା ସେମାନେ ପାଉଥିବା ପାହ୍ୟାର ସରକାରୀ ଚାକିରି ପାଇବ’ ଏହି ଭୁଆ ଧରି ସେମାନେ ଆମ୍ଭମାନଙ୍କୁ ବହୁକାଳ ବଞ୍ଚିତ କରି ରଖି ନ ଥିଲେ କି ?

ସରକାର ଅସ୍ପୃଶ୍ୟତା ନିବାରଣ ପାଇଁ ଯାହା ଯାହା କଲେଣି ତହିଁରୁ ଅଧିକ କରନ୍ତୁ ବୋଲି କହିଲେ ଅନ୍ୟାୟ ହେବ, କାରଣ ତଦ୍ୱାରା ସରକାର ଏକଛତ୍ରବାଦୀ ହୋଇଯିବେ । ଆମ୍ଭମାନଙ୍କର ରାଷ୍ଟ୍ର ଗଣତାନ୍ତ୍ରିକ । ତାହା ସହିତ ନଏ ଏକାଠି କର୍ପୂର ଖାଇବ, ତାହା ଚିହ୍ନକୁ ତାହା ପୁଅ ଶିଖ ହେବ, ସରକାର ଯଦି ଏହା ନିଦେଶ କରନ୍ତି ତାହାହେଲେ ଗଣତନ୍ତ୍ର ଭୁଷ୍ଟ ହେବ । ଅସ୍ପୃଶ୍ୟତା ଗୋଟିଏ ସାମାଜିକ କଳଙ୍କ । କେବଳ ହିନ୍ଦୁ ସମାଜ ଏହାର ଉଚ୍ଛେଦ କରିପାରେ ।

# ତୃତୀୟ ଶ୍ରେଣୀ ଯାତ୍ରୀଙ୍କ

# ସୁଖସ୍ୱାଚ୍ଛନ୍ଦ୍ୟ ବିଧାନରେ ନୂତନ ଅଧ୍ୟାୟ

( ରେଲବାଇ ମନ୍ତ୍ରୀ ଶ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ବେତାର ଭାଷଣର ସାରାଂଶ )

ତୃତୀୟ ଶ୍ରେଣୀ ଯାତ୍ରୀଙ୍କ ସୁଖସ୍ୱାଚ୍ଛନ୍ଦ୍ୟ କଥା ଯେତେବେଳେ କେହି ହେଲେ ଚିନ୍ତା କରୁ ନ ଥିଲେ, ସେତେବେଳେ ମହାତ୍ମା ଗାନ୍ଧୀ କେବଳ ସେମାନଙ୍କ ଦୁର୍ଦ୍ଦଶା ଦୂର କରିବାକୁ ବଦ୍ଧପରିକର ହୋଇ ଆନ୍ଦୋଳନ କରିଥିଲେ । ସେମାନଙ୍କ ଦୁର୍ଦ୍ଦଶା ପ୍ରତ୍ୟକ୍ଷଭାବରେ ଜାଣିବା ପାଇଁ ସେ ତୃତୀୟ ଶ୍ରେଣୀ ଗାଡ଼ିରେ ଯିବା ଆସିବା କରୁଥିଲେ । ୩୮ ବର୍ଷ ତଳେ ସେ ଥରେ କେତେକ ଅନୁଚରଙ୍କୁ ନେଇ ବମ୍ବେରୁ ମାନ୍ଦ୍ରାଜ ଯାଇଥିଲେ । ରେଲବାଇ ତୃତୀୟ ଶ୍ରେଣୀର ଅବସ୍ଥା ବର୍ଣ୍ଣନା କରି ସେ କହିଥିଲେ, "ଯାତ୍ରୀମାନଙ୍କୁ ଯେଉଁ କାଳିଆ ବେଞ୍ଚ ଦିଆଯାଇଛି ତା ଉପରେ ଲକ୍ଷ ଲକ୍ଷ ମାଛି ବସିଛନ୍ତି ଏବଂ ଯେଉଁ ଡବାରେ ମୁଁ ଯାଉଛି ତାକୁ ଦୁଆରେ ତାଲା କୁହାଯାଉଛି—ଏହା ଗୋଟାଏ ମଇଳାର ଭଣ୍ଡାର—ଏବେ ସେଇଭଳି ଅଛି" । ସେ ଆହୁରି କହିଥିଲେ ଯେ "ତୃତୀୟ ଶ୍ରେଣୀ ଯାତ୍ରୀଙ୍କୁ ଶୃଙ୍ଖଳା, ପରିଷ୍କାର ପରିଚ୍ଛନ୍ନତା, ସମୂହ ଜୀବନର ଦାୟିତ୍ୱ, ସାସ୍ଥ୍ୟ ଓ ସୁରୁଚି ଶିକ୍ଷା ଦିଆଯାଇ ପାରନ୍ତା । କିନ୍ତୁ ସେମାନଙ୍କୁ ଅବହେଳା କରିବା ଦ୍ୱାରା ଲକ୍ଷ ଲକ୍ଷ ଲୋକଙ୍କୁ ଶିକ୍ଷାର ଏ ସୁଯୋଗରୁ ବଞ୍ଚିତ କରାଯାଉଅଛି ।" ଭାରତ ସରକାରଙ୍କ ନିକଟକୁ ଖଣ୍ଡିଏ ଦୀର୍ଘ ପତ୍ର ଲେଖି ସେ ଉଲ୍ଲେଖ କରିଥିଲେ ଯେ ଭାରତ ସରକାର ତୃତୀୟ ଶ୍ରେଣୀ ଯାତ୍ରୀଙ୍କ ଦୁର୍ଦ୍ଦଶା ପାଇଁ ମୁଖ୍ୟତଃ ଦାୟୀ; କିନ୍ତୁ ଦୁର୍ଦ୍ଦଶା ମଧ୍ୟରୁ କେତୋଟି ପାଇଁ ତୃତୀୟ ଶ୍ରେଣୀ ଯାତ୍ରୀମାନେ ନିଜେ ମଧ୍ୟ ଦାୟୀ ।

ଗତ କେତେକ ବର୍ଷ ମଧ୍ୟରେ ରେଲଯାତ୍ରୀମାନଙ୍କର ଓ ବିଶେଷ କରି ତୃତୀୟ ଶ୍ରେଣୀ ଯାତ୍ରୀମାନଙ୍କର ସୁଖସ୍ୱାଚ୍ଛନ୍ଦ୍ୟ ବିଧାନ ପାଇଁ ସରକାର ବହୁତ କାମ କରିଅଛନ୍ତି । ତୃତୀୟ ଶ୍ରେଣୀ ଯାତ୍ରୀମାନେ ଷ୍ଟେସନମାନଙ୍କରେ ଉଚ୍ଚଶ୍ରେଣୀ ଯାତ୍ରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ପ୍ରବେଶ ପଥ ଓ ବହିର୍ଗମନ ପଥ ବ୍ୟବହାର କରିପାରୁ ନ ଥିଲେ, ହୋଟେଲମାନଙ୍କରେ ପଶି ପାରୁ ନ ଥିଲେ ଏବଂ ବିଶ୍ରାମାଗାରମାନଙ୍କରେ ସେମାନଙ୍କୁ ଜାଗା ଦିଆଯାଉ ନ ଥିଲା । ଏବେ ଏ ଅବସ୍ଥା ଦୂର କରାଯାଇଛି । ଏବେ ନୂଆ ନୂଆ ଷ୍ଟେସନ ତିଆରି କଲାବେଳେ ବା ପୁରୁଣା ଷ୍ଟେସନମାନଙ୍କ ମରାମତି ବେଳେ ଏ ସବୁ ଯେପରି ସର୍ବୋଚ୍ଚ ସଂଖ୍ୟକ ଯାତ୍ରୀଙ୍କ ଦ୍ୱାରା ବ୍ୟବହୃତ ହୋଇପାରିବ, ତତ୍ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଛି ।

ଏଣିକି ତୃତୀୟ ଶ୍ରେଣୀ ଯାତ୍ରୀଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ କେତେବେଳେ କେମିତି ଚେଷ୍ଟା ନ ହୋଇ ଧାରାବାହିକ ଭାବରେ ଯୋଜନା ଅନୁସାରେ ଚେଷ୍ଟା କରାଯାଉଅଛି । ଷ୍ଟେସନମାନଙ୍କର ଆକାର ଛୋଟ

ହେଉ ବା ବଡ଼ ହେଉ ସେ ସବୁରେ ଯାତ୍ରୀମାନଙ୍କ ପାଇଁ ଏଣିକି କେତେକ ସର୍ବନିମ୍ନ ସୁବିଧା ଯୋଗାଇବ ବୋଲି ସରକାର ଧାର୍ଯ୍ୟ କରିଅଛନ୍ତି । ସେମାନଙ୍କ ପାଇଁ ଲମ୍ବା ବିଶ୍ରାମାଗାର, ବେଞ୍ଚ, ବିଜୁଳି ଆଲୁଅର ଯଥେଷ୍ଟ ଆୟୋଜନ, ଉତ୍ତମ ପାନୀୟ ଜଳ, ଉନ୍ନତ ଧରଣର ପାଇଖାନା, ପକ୍କା ପ୍ଲାଟଫର୍ମ ତଥା, ଟିକଟ କାଟିବାର ଉତ୍କୃଷ୍ଟ ବ୍ୟବସ୍ଥା ଏବଂ ଖରା ବର୍ଷାରୁ ରକ୍ଷା ମିଳିବାକୁ ବୃକ୍ଷରୋପଣ ବ୍ୟବସ୍ଥା କରାଯାଉଛି । ବଡ଼ ବଡ଼ ଷ୍ଟେସନମାନଙ୍କରେ ଅଧିକ କେତେକ ଉତ୍କୃଷ୍ଟ ବ୍ୟବସ୍ଥା କରାଯାଉଛି । ଷ୍ଟେସନମାନଙ୍କରେ ଯାତ୍ରୀମାନଙ୍କ ପାଇଁ ଯଥାସମ୍ଭବ ଡାକ ଘର ଓ ଟେଲିଫୋନର ବନ୍ଦୋବସ୍ତ କରାଯାଉଛି ।

ଯାତ୍ରୀମାନଙ୍କ ପାଇଁ ଅଧିକରୁ ଅଧିକ ସୁଖ-ସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ପ୍ରତି ରେଳବାଇରେ ଜଣେ ଜଣେ ଡେପୁଟି ଜେନେରଲ ମ୍ୟାନେଜର ନିଯୁକ୍ତ କରାଯାଉଛି ।

## ପ୍ରତି ମାସରେ ଦଶଟି କରି ନୂଆ ଟ୍ରେନର ବ୍ୟବସ୍ଥା ହେଉଛି

ଟ୍ରେନମାନଙ୍କରେ ବହୁତ ଭିଡ଼ ହେଉଅଛି । ତେଣୁ ଅଧିକ ଡବା ଓ ଅଧିକ ଟ୍ରେନର ବ୍ୟବସ୍ଥା କରାଯାଉଛି । ପଞ୍ଚବାର୍ଷିକ ଯୋଜନାର ପ୍ରଥମ ଦୁଇ ବର୍ଷରେ ୩,୫୦୦ ନୂଆ ଡବା କାମରେ ଲଗାଯାଇଛି । ୧୯୫୨ ରୁ ୧୯୫୪ ମଧ୍ୟରେ ୩୪୨ଟି ନୂଆ ଟ୍ରେନ ବା ପ୍ରତି ମାସରେ ୧୦ଟି କରି ନୂଆ ଟ୍ରେନ ଅଣାଯାଇଛି । ୩୪୫ଟି ଟ୍ରେନର ଯିବାଆସିବାର ବାଟ ବଢ଼ାଇ ଦିଆଯାଇଛି ।

ପ୍ରଧାନ ପ୍ରଧାନ ରେଳ ଷ୍ଟେସନରେ ଏଣିକି ସିନେମା ଦେଖାଯିବ । ଏଥିପାଇଁ ସ୍ୱତନ୍ତ୍ର ଡବାମାନଙ୍କର ବ୍ୟବସ୍ଥା କରାଯାଉଛି । ଷ୍ଟେସନମାନଙ୍କରେ ଅପେକ୍ଷା କରି ବୃଥାରେ ସମୟ କଟାଇ ନ ଦେଇ ଯାତ୍ରୀମାନେ ଏ ସବୁ ସିନେମା ଦେଖି ସମୟର ସଦ୍‌ବ୍ୟବହାର କରିପାରିବେ । ଦେଶରେ ଯେଉଁସବୁ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଛି ଏ ସବୁରୁ ଲୋକେ ତହିଁର ଧାରଣା କରି ପାରିବେ ।

ତୃତୀୟ ଶ୍ରେଣୀ ଯାତ୍ରୀଙ୍କ ପାଇଁ ବର୍ତ୍ତମାନ ଭାରତରେ ୧୭ଟି ଜନତା ଟ୍ରେନ ଚାଲିଛି । ଆସନ୍ତା କେତେକ ମାସ ମଧ୍ୟରେ ଅନ୍ୟ ଯେଉଁ କେତୋଟି ଜନତା ଟ୍ରେନ ପ୍ରବର୍ତ୍ତନ କରାଯିବ ତହିଁରେ କଣ୍ଡକ୍ଟରମାନେ ଉକ୍ତ ଯାତ୍ରୀମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା ଓ ବିଧାନ କରିବେ ।

ତୃତୀୟ ଶ୍ରେଣୀ ଯାତ୍ରୀଙ୍କର ଟ୍ରେନରେ ଶୋଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ଏଥିପାଇଁ ସେମାନଙ୍କଠାରୁ ନାମମାତ୍ର କିଛି ଅଧିକ ଭଡ଼ା ନିଆଯିବ ।

ଯାତ୍ରୀମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ୧୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ମଧ୍ୟ ଏ ବ୍ୟବସ୍ଥା ଚାଲୁ ରଖାହେବ ।

ସରକାର ଯାତ୍ରୀମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଏ ସକଳ ବ୍ୟବସ୍ଥା କରୁଥିବାବେଳେ ଯାତ୍ରୀମାନଙ୍କର ମଧ୍ୟ କିଛି କରିବାର ଅଛି । ମହାତ୍ମା ଗାନ୍ଧୀ କହିଥିଲେ "ତୃତୀୟ ଶ୍ରେଣୀ ଯାତ୍ରୀମାନେ ଯେଉଁସବୁ ଅସୁବିଧା ଭୋଗନ୍ତି ସେଥିମଧ୍ୟରୁ କେତେକଟି ପାଇଁ ସେମାନଙ୍କ ନିଜ ନିଜର ଆଚରଣହିଁ ଦାୟୀ । ଓ୍ୱେଟିଙ୍ଗ ରୁମ୍‌ରେ ସେମାନେ ଏପରି ଢଙ୍ଗରେ ପାଣି ଢାଳନ୍ତି ଯେ ତଦ୍ଦ୍ୱାରା ଅନ୍ୟମାନଙ୍କର ବହୁ ଅସୁବିଧା ହୁଏ । ଥେପ ଖଙ୍କାର ପକାଇବାରେ ରୋଗ ବ୍ୟାପେ—କିନ୍ତୁ ସେମାନେ ସବୁ ସ୍ଥାନରେ ନିର୍ବିଚାରରେ ଥେପ ଖଙ୍କାର ଓ ପାନପିକ ପକାନ୍ତି । ଟ୍ରେନ ଚାଲୁଥିବାବେଳେ ଡବା ମଧ୍ୟରେ ସେମାନେ ଫଳଚୋପା ଓ ଅଇଁଠା ପକାନ୍ତି । କେତେକେ ପାଣିକଳ ଖୋଲାଦେଇ ତାକୁ ଆଉ ବନ୍ଦ କରନ୍ତି

ନାହିଁ । ପାଇଖାନାରେ ମଧ୍ୟ ଝାଡ଼ା ଫେରି ତାକୁ ଧୋଇଦେବାକୁ ପୁଣି ଚେନ୍ ଟାଣନ୍ତି ନାହିଁ । ପୁନଶ୍ଚ କେହି କେହି ଅଦୌ ଟିକଟ୍ ନ କରି ରେଳବାଇକୁ ଠକିବାର ପ୍ରଚେଷ୍ଟା କରନ୍ତି ।"

ତେଣୁ ସରକାର ଯାତ୍ରୀମାନଙ୍କର ସୁଖସ୍ୱଚ୍ଛନ୍ଦ ବିଧାନ କଲାବେଳେ ସର୍ବସାଧାରଣ ସର୍ବତୋଭାବରେ ସରକାରଙ୍କ ସହିତ ସହଯୋଗ କରି ସେମାନଙ୍କ ଉଦ୍ୟମକୁ ସଫଳ କରିବା ଉଚିତ ।

# ରାଜ୍ୟପାଳଙ୍କ ଭାଷଣର ସାରାଂଶ

## (୧) ହିନ୍ଦ୍ ରାଷ୍ଟ୍ରଭାଷା ସାହିତ୍ୟ ସପ୍ତାହ

୧୭ | ୫ | ୫୫

### ରାଷ୍ଟ୍ରଭାଷା

ଏ ଦେଶ ଗୋଟିଏ ଉପ ମହାଦେଶ । ଏହାର ଅଧିବାସୀମାନେ ବହୁତ ଗୁଡ଼ିଏ ଭାଷା ବ୍ୟବହାର କରନ୍ତି । ଏ ଭାଷାମାନଙ୍କ ମଧ୍ୟରୁ କେତେକ ଭାଷାର ଋଦ୍ଧିମନ୍ତ ପ୍ରାଚୀନ ସାହିତ୍ୟ ଅଛି । ବର୍ତ୍ତମାନ ଏ ଦେଶରେ ସଂସ୍କୃତର ଅଭ୍ୟୁଦୟ ଘଟୁଛି ଏବଂ ସବୁ ଭାଷା ଏଥିରେ ଭାଗୀ ହେଉଅଛନ୍ତି । ତଥାପି ଗୋଟିଏ ସାଧାରଣ ଭାଷାର ବିକାଶ ଦରକାର, ଯହିଁରେ କି ସମସ୍ତ ଜାତି ମଧ୍ୟରେ ଭାବର ଆଦାନ ପ୍ରଦାନ ହେବ ଏବଂ ରାଜ୍ୟ ରାଜ୍ୟ ମଧ୍ୟରେ ଶାସନଗତ ଓ ବାଣିଜ୍ୟଗତ ଭାବ ଆଦାନ ପ୍ରଦାନ ହୋଇପାରିବ । ଏ ଦେଶରେ ବହୁତ ଗୁଡ଼ିଏ ଅନୁଷ୍ଠାନ ଏହି ରାଷ୍ଟ୍ରଭାଷାର ପ୍ରଚାର ପାଇଁ କାମ କରୁଅଛନ୍ତି । ନିଖିଳ ଭାରତ ହିନ୍ଦୀ ସାହିତ୍ୟ ସମ୍ମିଳନୀ ପ୍ରଭୃତି ସଂସ୍ଥା ଓ ଭାରତ ସରକାରଙ୍କ ସ୍ଥାପିତ ସାହିତ୍ୟ ଏକାଡେମୀ ଭାରତର ସମସ୍ତ ସାହିତ୍ୟଙ୍କ ବିକାଶ ପାଇଁ କାର୍ଯ୍ୟତତ୍ପର ରହିଅଛନ୍ତି ! ସାହିତ୍ୟକ୍ଷେତ୍ରରେ ଭାରତୀୟ କୃଷ୍ଟିର ଅଭ୍ୟୁଦୟ ସାଧନ କରିବା ଏମାନଙ୍କର ଲକ୍ଷ୍ୟ । ସମ୍ବିଧାନରେ ଘୋଷିତ ହୋଇଛି ଯେ ହିନ୍ଦୀହିଁ ଏ ଦେଶର ରାଷ୍ଟ୍ରଭାଷା ହେବ, ତେଣୁ ହିନ୍ଦୀର ପ୍ରଚାର ଓ ବିକାଶ ଭାରତଜନଗଣର କର୍ତ୍ତବ୍ୟ ହୋଇ ପଡ଼ୁଅଛି । ହିନ୍ଦୀଦ୍ୱାରା ଏ ଦେଶର ସମୃଦ୍ଧ କୃଷ୍ଟି ରୂପ ପାଇବ, ତେଣୁ ହିନ୍ଦୀକୁ ସମ୍ବିଧାନର ୮ ତପସିଲରେ ଲିଖିତ ଭାଷାମାନଙ୍କରୁ ପ୍ରକାଶ ଶକ୍ତି ଓ ଶୈଳୀର ଆଦର୍ଶ ନେଇ ବିକାଶପଥରେ ଗତି କରିବାକୁ ହେବ । ତେଣୁ ହିନ୍ଦୀକୁ ବର୍ତ୍ତମାନ କଥିତ ହିନ୍ଦୀ ଓ ହିନ୍ଦୁସ୍ଥାନୀଠାରୁ ସମଧିକ ଉନ୍ନତିଶୀଳ ହେବାକୁ ପଡ଼ିବ । ତେଣୁ ଏ ଦିଗରେ ହିନ୍ଦ୍ ରାଷ୍ଟ୍ରଭାଷା ପରିଷଦ ପ୍ରଭୃତି ଅନୁଷ୍ଠାନକୁ ଏ ଲକ୍ଷ୍ୟ ସିଦ୍ଧି ପାଇଁ କାର୍ଯ୍ୟ କରିବାକୁ ହେବ ଏବଂ ସମ୍ବିଧାନର ୩୪୪ ପ୍ରକରଣ ଅନୁଯାୟୀ ଗଠିତ ହିନ୍ଦୀ କମିଶନ ମଧ୍ୟ ଏଥିପ୍ରତି ଅବଶ୍ୟ ଧ୍ୟାନ ଦେବେ ।

ହିନ୍ଦୀ ପ୍ରଚାର ଓ ପ୍ରସାର କାର୍ଯ୍ୟକୁ ସାବଧାନତା-ପୂର୍ବକ କରିବାକୁ ହେବ । ହିନ୍ଦୀ ଓ ହିନ୍ଦୁସ୍ଥାନୀକୁ ବୁଝିବାର ୩୨୦ ନିୟୁତ ଲୋକଙ୍କ ମଧ୍ୟରୁ ମୋଟେ ୧୧୦ ନିୟୁତ ଲୋକ ବୁଝିପାରନ୍ତି । କେତେଗୁଡ଼ିଏ ଭାରତୀୟ ଭାଷା ଅଛି, ଯହିଁର ସାହିତ୍ୟ ହିନ୍ଦୀଠାରୁ ଯଥେଷ୍ଟ ଅଧିକ ଉନ୍ନତ—ହୋଇପାରେ ସେ ଭାଷାଭାଷୀଙ୍କ ସଂଖ୍ୟା କମ । ତେଣୁ ହିନ୍ଦୀ ପ୍ରସାର ଉଦ୍ୟମ ସାବଧାନତାପୂର୍ବକଭାବରେ କରିବା ଉଚିତ ।

# ଶିକ୍ଷା

## ନିଖିଳ ଭାରତ ପ୍ରାଇମେରୀ ଶିକ୍ଷକ ସମ୍ମିଳନୀ

୨୪ । ୫ । ୫୬

ସ୍ମରଣାତୀତ କାଳରୁ ଏ ଦେଶରେ ଶିକ୍ଷାପ୍ରଚାର ଅଗ୍ରସର ହେଉଛି । ଅତୀତର ଗୁରୁ ଓ ଗୁର୍ବୀମାନେ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଣୀ ନାମରେ ଅଭିହିତ ଥିଲେ । ସେମାନେ ଆମ୍ଭମାନଙ୍କ କୃଷ୍ଟିକ୍ଷେତ୍ରରେ ଆଲୋକପାତ କରିଥିଲେ । ସେମାନଙ୍କୁ ଦେବତାର ଆସନ ପ୍ରଦତ୍ତ ହୋଇଥିଲା । ଯେତେବେଳେ ଆଧୁନିକ ଯୁଗର କେତେକ ପ୍ରଗତିଶୀଳ ଜାତି ଜଙ୍ଗଲରେ ଜୀବନ ଯାପନ କରି ଆକାଶରେ ଜ୍ୟୋତିଷମାନଙ୍କୁ ସ୍ତବ୍ଧ ବିସ୍ମୟରେ ଚାହିଁରହୁଥିଲେ ଅଥଚ ସେମାନଙ୍କ ସମ୍ବନ୍ଧରେ କିଛି ଅବଧାରଣ କରିପାରୁ ନ ଥିଲେ ସେତେବେଳେ ଆମ୍ଭମାନଙ୍କ ପୂର୍ବପୁରୁଷମାନେ ବିଜ୍ଞାନ, ଗଣିତ ଓ ଜ୍ୟୋତିଷବିଦ୍ୟାରେ ଅପୂର୍ବ କୃତିତ୍ୱ ଲାଭ କରିଥିଲେ । ତେଣୁ ଆମ୍ଭମାନଙ୍କ ସଭ୍ୟତା ଅତି ପ୍ରାଚୀନ ଓ ଅତି ବରିଷ୍ଠ ।

ଏ ଦେଶରେ ଗୁରୁଶିଷ୍ୟ ସଂପର୍କ ଅତି ଆଦର୍ଶ ସ୍ଥାନୀୟ ଥିଲା । ଅତ୍ୟନ୍ତ ପରିତାପର ବିଷୟ ଯେ ଆଜି ସେ ସଂପର୍କ ଉପେକ୍ଷିତ ହେବାକୁ ବସିଛି । ଛାତ୍ର ସମାଜରେ ଅଭକ୍ତି ଓ ବିଶୃଙ୍ଖଳା ମାଡ଼ିଯାଉଛି । ପୁଲିସ ସାହାଯ୍ୟ ନେଇ ସମାବର୍ତ୍ତନ ଉତ୍ସବରେ ଶାନ୍ତିରକ୍ଷା କରିବାକୁ ପଡ଼ୁଛି । ଦେଶର ଆଶାଭରସାର ସ୍ଥଳ ଯୁବକମାନେ ଯେଉଁ ଅଧୋଗତିର ସମ୍ମୁଖୀନ ହୋଇଥିବାବେଳେ ଅର୍ଥନୈତିକ ଜୀବନରେ ଆମ୍ଭେମାନେ ବିପର୍ଯ୍ୟୟର ପ୍ରଗତି କରି ପାରିବା କିପରି ? ଧନ ବଢ଼ି ମନୁଷ୍ୟତା ଯଦି ହ୍ରାସ ହେଲା, ତାକୁ ଦୁର୍ଭାଗ୍ୟ ଛଡ଼ା ଆଉ କଅଣ କହିବାକୁ ହେବ ? ପ୍ରତ୍ନତତ୍ତ୍ୱଜ୍ଞାନ, ସଂସ୍କୃତଜ୍ଞାନ ଓ ତତ୍ତ୍ୱଜ୍ଞାନ ଛାତ୍ର ସ୍କୁଲକଲେଜ ମାନଙ୍କରୁ ବାହାରୁ ଅଛନ୍ତି । ଅଶିକ୍ଷିତ ସରଳ ଗ୍ରାମବାସୀମାନେ ସେମାନଙ୍କଠାରୁ ଯଥେଷ୍ଟ ଉନ୍ନତରେ ଅଛନ୍ତି । ତେଣୁ ମୁଁ ନିବେଦନ କରୁଅଛି, ଆପଣମାନେ ଶିକ୍ଷା ବିଷୟରେ ଶାନ୍ତିପୂର୍ଣ୍ଣ ଆଲୋଚନା କରିବା ପୂର୍ବରୁ ଛାତ୍ରସମାଜରୁ ଏ ମାରାତ୍ମକ ବିଶୃଙ୍ଖଳା କିପରି ଦୂର ହେବ, ତହିଁର ଆଲୋଚନା କରନ୍ତୁ ।

ସମ୍ବିଧାନର ୪୫ ପ୍ରକରଣରେ ବ୍ୟବସ୍ଥା ହୋଇଛି ଯେ ୧୦ ବର୍ଷ ମଧ୍ୟରେ ୧୪ ବର୍ଷ ପର୍ଯ୍ୟନ୍ତ ବୟସ୍କ ସମସ୍ତ ବାଳକ ବାଳିକାଙ୍କୁ ଅବୈତନିକ ବାଧ୍ୟତାମୂଳକ ଶିକ୍ଷା ଦେବାକୁ ହେବ । କିନ୍ତୁ ଆମ୍ଭମାନଙ୍କର ଏତେ ଅଭାବ ଅଛି ଯେ ଶତକଡ଼ା ୫୦ ଲୋକଙ୍କୁ ମଧ୍ୟ ଆମ୍ଭେମାନେ ଶିକ୍ଷିତ କରିପାରିବା ନାହିଁ । ଭାରତ ସରକାର ନିଖିଳ ଭାରତ ସେକେଣ୍ଡାରୀ ଶିକ୍ଷା କାଉନସିଲ ବୋଲି ଗୋଟିଏ ଅନୁଷ୍ଠାନ ବସାଇ ଅଛନ୍ତି । ତଦ୍ୱାରା ସର୍ବଭାରତୀୟ ଶିକ୍ଷା ମାନ ସ୍ଥିର ହେବ ଏବଂ ଶିକ୍ଷାପ୍ରସାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହେବ । ଦେଶରେ ଆଜି ଶତକଡ଼ା ୮୦ ଜଣ ନିରକ୍ଷରଭାବରେ ବୁଡ଼ି ରହିଥିବାସ୍ଥଳେ

ଗଣତନ୍ତ୍ରର ସାଫଲ୍ୟ ନେଇବାର ବସ୍ତୁ ହୋଇ ରହିବ ।

ସାଧାରଣତନ୍ତ୍ର ଭାରତର ଭବିଷ୍ୟତ ନାଗରିକମାନଙ୍କ ଯଥାଯଥ ଶିକ୍ଷା ଆଜି ସମସ୍ତଙ୍କର ଧ୍ୟେୟ । ଆଜି ଭାରତ ଶାସନକ୍ଷେତ୍ରରେ ଅପୂର୍ବ ଏକତା ଲାଭ କରିଅଛି । ଏହି ଏକତା ଯେପରି ଚିରକାଳ ଅକ୍ଷୁଣ୍ଣ ଓ ଅବ୍ୟାହତ ରହେ ସେଥିପାଇଁ ଭାରତୀୟମାନଙ୍କର ଯଥୋପଯୁକ୍ତ ଶିକ୍ଷା ପ୍ରୟୋଜନ ଓ ଶିକ୍ଷା ନିମନ୍ତେ ଯଥୋପଯୁକ୍ତ ପାଠ୍ୟପୁସ୍ତକ ମଧ୍ୟ ପ୍ରୟୋଜନ । ଉତ୍ତର ଭାରତ ଓ ଦକ୍ଷିଣ ଭାରତର ଭାରତୀୟ କୃଷ୍ଟିରୁ ଯାହା ଯାହା ଦାନ ଚଳନ୍ତି ଆମ୍ଭମାନଙ୍କୁ ସମାନ ଭାବରେ ଅବଗତ ରହିବାକୁ ହେବ ।

ଶିକ୍ଷାରେ ପ୍ରେୟ ଅପେକ୍ଷା ଶ୍ରେୟ ହିଁ ଆମ୍ଭମାନଙ୍କର ଲକ୍ଷ୍ୟ ହେଉ ।

---

## ମଧ୍ୟପ୍ରଦେଶ ନେପାନଗରରେ

# କାଗଜ କାରଖାନା

(ସଙ୍କଳିତ)

ଶ୍ରୀ ପୂର୍ଣ୍ଣଚନ୍ଦ୍ର ଘୋଷ

ଭିନ୍ନ ଭିନ୍ନ ପ୍ରକାରର କାଗଜ ଭିନ୍ନ ଭିନ୍ନ କାର୍ଯ୍ୟରେ ବ୍ୟବହୃତ ହେବା ସକାଶ ପ୍ରସ୍ତୁତ ହୋଇଅଛି ।

ପ୍ରଧାନତଃ ତିନି ପ୍ରକାର କାର୍ଯ୍ୟ ସକାଶ ତିନି ପ୍ରକାର କାଗଜ ବ୍ୟବହୃତ ହୁଏ, ଯଥା:—

(୧) ବହି ଇତ୍ୟାଦି ଛାପିବା ସକାଶ ଏକ ପ୍ରକାର କାଗଜ ପ୍ରସ୍ତୁତ ହୋଇଅଛି ଓ (୨) ଖବର କାଗଜ ଛାପିବା ସକାଶ ଏକ ପ୍ରକାର କାଗଜ ପ୍ରସ୍ତୁତ ହୋଇଅଛି । ଏହାକୁ "ନିଉଜ୍ ପ୍ରିଣ୍ଟ୍" କୁହାଯାଏ ।

(୩) ଏହି ଦୁଇ ପ୍ରକାର ଛଡ଼ା ଆଉ ଅନ୍ୟାନ୍ୟ ଯେତେ ପ୍ରକାର କାଗଜ ଅଛି, ସେସବୁ ଭିନ୍ନ ଭିନ୍ନ କାମରେ ବ୍ୟବହୃତ ହୁଏ ।

ଯେପରି—ବହିର ଉପର ପୃଷ୍ଠା ବା ମଲାଟ । ନାନା ରଙ୍ଗର ମୋଟ ଓ ପତଳା କାଗଜ ଏଥି ସକାଶ ବ୍ୟବହୃତ ହୋଇଥାଏ । ପୁଡ଼ି ଇତ୍ୟାଦିରେ ଏକ ପ୍ରକାର ରଙ୍ଗିନ ପାତଳ କାଗଜ ବ୍ୟବହୃତ ହୁଏ । ପାର୍ଶଲ ବାନ୍ଧିବା ସକାଶ ଏକ ପ୍ରକାର କାଗଜ ବ୍ୟବହୃତ ହୁଏ । ଏହା ଛଡ଼ା ଡ୍ରଇଂ କାଗଜ ଇତ୍ୟାଦି ନାନା ପ୍ରକାର କାଗଜ ଭିନ୍ନ ଭିନ୍ନ କାର୍ଯ୍ୟ ସକାଶ ବ୍ୟବହୃତ ହୁଏ । ଏହିପରି ଭିନ୍ନ ଭିନ୍ନ କାର୍ଯ୍ୟ ସକାଶ ଭିନ୍ନ ଭିନ୍ନ କାଗଜ ପ୍ରସ୍ତୁତ ହୋଇଅଛି । ଖବର କାଗଜ ଛାପିବା ସକାଶ ପ୍ରଥମତଃ "ନିଉଜ ପ୍ରିଣ୍ଟ" ନରଓ୍ୱେ ସ୍ୱେଡେନ୍‌ରୁ ଆସି ଭାରତରେ ବ୍ୟବହୃତ ହେଉଥିଲା; କିନ୍ତୁ ପରେ ଏହା ପ୍ରାୟ ସବୁ ସଭ୍ୟ ଦେଶରେ ପ୍ରସ୍ତୁତ ହେବାକୁ ଲାଗିଲା ।

ବର୍ତ୍ତମାନ ଆମ୍ଭମାନଙ୍କର ସରକାର ଆମେରିକାରୁ ଏହି "ନିଉଜ୍ ପ୍ରିଣ୍ଟ" ତିଆରି କରିବା ପାଇଁ ସୁଦକ୍ଷ ଲୋକ ଆଣି ମଧ୍ୟପ୍ରଦେଶରେ କାଗଜ ତିଆରି ସକାଶ କାରଖାନା ବସାଇ ସେଥିରେ କାଗଜ ତିଆରି ଆରମ୍ଭ କରି ଦେଲେଣି ।

ଭାରତବର୍ଷରେ ଯେତେ ଖବର କାଗଜ ନିଉଜ୍ ପ୍ରିଣ୍ଟ ଦ୍ୱାରା ଛପାହୁଏ ସେଥି ସକାଶେ ପ୍ରତିବର୍ଷ ୬୦ ହଜାର ଟନ୍ ନିଉଜ ପ୍ରିଣ୍ଟ ଦରକାର । ବର୍ତ୍ତମାନ ମଧ୍ୟ ପ୍ରଦେଶର ଏହି କାଗଜ କାରଖାନାର ନାମ ନେପା



ମହୋଦଧିରେ ସ୍ନାନ

# ଉତ୍କଳ ଉଦ୍ୟୋଗ ପ୍ରଦର୍ଶନୀ, ପୁରୀ



ଘରୋଇ ବିଭାଗର ଉପମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ପୁରୀରେ ଶୁକ୍ରବାର ଦିନ
'ଉତ୍କଳ ଉଦ୍ୟୋଗ ପ୍ରଦର୍ଶନୀ' ଉଦ୍‌ଘାଟନ କରୁଛନ୍ତି



ପ୍ରଦର୍ଶନୀରେ ଶିଳ୍ପୀ ଶ୍ରୀ ଅଶୋକ ମୁଖାର୍ଜୀଙ୍କର କେତେକ ହସ୍ତାଙ୍କିତ ପଟଚିତ୍ରର ନମୁନା

ମିଲ୍ସ୍। ସରକାରୀ, ବେସରକାରୀ ଓ ଯୁକ୍ତରାଷ୍ଟ୍ରର କାରିଗରି ସହଯୋଗିତା, ମିଶନର ସମବେତ ଚେଷ୍ଟା ଫଳରେ ଏହି କାଗଜ ତିଆରି କାରଖାନାଟି ଗତ ଜାନୁଆରୀ ମାସରେ ସ୍ଥାପିତ ହୋଇଅଛି। କାଗଜ-କଳ ଚଳାଇବା ସକାଶେ ଯେଉଁ ସବୁ କଞ୍ଚାମାଲର ଆବଶ୍ୟକ, ସେସବୁ ମଧ୍ୟପ୍ରଦେଶର ଅରଣ୍ୟରେ ପ୍ରଚୁର ପରିମାଣରେ ମିଳେ।

ନେପାନଗର ଯେଉଁଠାରେ ବସିଅଛି, ସେଠାରେ ଶାଳଗଛର ଅରଣ୍ୟ ଥିଲା ଏବଂ ବର୍ତ୍ତମାନ ସୁଦ୍ଧା ଚାରିଆଡ଼ ଶାଳଗଛରେ ପୂର୍ଣ୍ଣ। ଅସଂଖ୍ୟ ଶାଳଗଛ କାଟି ଟୁକୁରା ଟୁକୁରା କରି ରଖା ହୋଇଛି। ଏହି ଶାଳକାଠରୁ କାଗଜ ତିଆରି କରିବା ସକାଶେ ମଣ୍ଡ ପ୍ରସ୍ତୁତ ହୁଏ। ଏଠାରେ ବାଉଁଶର ମଣ୍ଡ ମଧ୍ୟ ପ୍ରସ୍ତୁତ ହେବ। ଏହି ଅଞ୍ଚଳରେ ପ୍ରଚୁର ପରିମାଣରେ ବାଉଁଶ ମଧ୍ୟ ମିଳେ। ସ୍ଥାନୀୟ ଶାଳଗଛ ମଣ୍ଡ ଓ ବିଦେଶରୁ ଆମଦାନୀ ହୋଇଥିବା ମଣ୍ଡରୁ କାଗଜ ତିଆରି ଆରମ୍ଭ ହୋଇଅଛି। ବର୍ତ୍ତମାନ ୩ ଜଣ ମାର୍କିନ ବିଶେଷଜ୍ଞ ଏହି କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି, ଜଣେ ଆମେରିକାନ ଇଞ୍ଜିନିୟରଙ୍କର ନିଉଜ୍ ପ୍ରିଣ୍ଟ ତିଆରିରେ ୩୪ ବର୍ଷର ଅଭିଜ୍ଞତା ଅଛି। ବର୍ତ୍ତମାନ କାରଖାନାରେ ଦୈନିକ ୧୫ଠାରୁ ୧୭ଟନ୍ କାଗଜ ଉତ୍ପାଦନ ହେଉଅଛି। ଏହି କାଗଜକୁ ବିଦେଶରୁ ଆମଦାନୀ ହେଉଥିବା ଅନ୍ୟ ଯେ କୌଣସି କାଗଜ ସହିତ ତୁଳନା କଲେ ସମଗୁଣଧର୍ମୀ ବୋଲି ଦେଖାଯାଏ। ଏହି କାଗଜ ଗୁଣରେ କିପରି ଏହାଠାରୁ ଉନ୍ନତତର ସ୍ଥାନ ଅଧିକାର କରିବ, ସେ ଚେଷ୍ଟା ମଧ୍ୟ ଚାଲିଅଛି।

ଭାରତ ସରକାର ଏହି କାରଖାନା ପାଇଁ ମଧ୍ୟ-ପ୍ରଦେଶର ସରକାରଙ୍କ ମାରଫତ୍ ୧ କୋଟି ୮୦ ଲକ୍ଷ ଟଙ୍କା ଋଣ ମଞ୍ଜୁର କରିଅଛନ୍ତି। ଏହି ଅନୁଷ୍ଠାନକୁ ରାଜ୍ୟ ସରକାର ୩ କୋଟି ୬୬ ଲକ୍ଷ ଟଙ୍କା ଋଣ ମଞ୍ଜୁର କରିଅଛନ୍ତି। ଏହି ଅନୁଷ୍ଠାନର ବର୍ଦ୍ଧିତ ମୂଳଧନର ପରିମାଣ ଏବେସୁଦ୍ଧା ୧ କୋଟି ୪୦ ଲକ୍ଷ ଟଙ୍କା ହୋଇଅଛି।

କାରିଗରି ସହଯୋଗିତା, ମିଶନ କାରଖାନା ପରିଚାଳନା ଏବଂ କାଗଜର ମଣ୍ଡ ପ୍ରସ୍ତୁତ ଓ କାଗଜ ଉତ୍ପାଦନର ଆଧୁନିକ ପଦ୍ଧତି ସମ୍ପର୍କରେ ଭାରତୀୟମାନଙ୍କୁ ଶିକ୍ଷା ଦେବା ନିମନ୍ତେ ସୁଦକ୍ଷ କାରିଗର ମୁକରର କରି ସାହାଯ୍ୟ ଦେଉଅଛନ୍ତି।

ଯେଉଁ ଘୋର ଅରଣ୍ୟରେ ହିଂସ୍ର ବନ୍ୟପଶୁ-ମାନେ ବିଚରଣ କରୁଥିଲେ ଆଜି ସେଠାରେ ନେପା-ନଗର ୪୩୦ ଏକର ଜମି ଉପରେ ଭାରତୀୟ ଓ ଆମେରିକାର ଉନ୍ନତ ଯନ୍ତ୍ରପାତି ଦ୍ୱାରା କାରଖାନାଟି ସୁସଜ୍ଜିତ।

ମଧ୍ୟପ୍ରଦେଶର ଚାଁଦନୀ ନିକଟରେ ଏହି ସହରଟି ଅବସ୍ଥିତ।

କାରଖାନାରେ ବିଦ୍ୟୁତ ସରବରାହ ସକାଶେ ଗୋଟିଏ ୧୨,୫୦୦ କିଲୋୱାଟ୍ ଶକ୍ତିବିଶିଷ୍ଟ ବିଦ୍ୟୁତ୍ ଉତ୍ପାଦନ କାରଖାନା ସ୍ଥାପିତ ହୋଇଅଛି।

କାରଖାନା ଓ ସହରର ବାସିନ୍ଦାମାନଙ୍କ ସକାଶେ ପ୍ରତିଦିନ ୮୦ ଲକ୍ଷ ଗ୍ୟାଲନ ପାଣି ପ୍ରୟୋଜନ। କାରଖାନା ଇଲାକାଠାରୁ ଦୁଇମାଇଲ ଦୂରରେ ତାପ୍ତି ନଦୀ ନିକଟରେ ଏହି ପାଣି ସରବରାହ ସକାଶେ ଗୋଟିଏ କାରଖାନା ସ୍ଥାପନ କରା ହୋଇଅଛି।

କାରଖାନାରେ ୬୦୦ କର୍ମଚାରୀଙ୍କ ସକାଶେ ସୁନ୍ଦର ବାସଗୃହ ତିଆରି କରା ହୋଇଅଛି। ବାସିନ୍ଦାମାନଙ୍କ ନିମନ୍ତେ ଡାକ୍ତରଖାନା, ପୋଷ୍ଟ ଅଫିସ, ଖେଳ ପଡ଼ିଆ, ସ୍କୁଲ, କ୍ଲବ ପ୍ରଭୃତିର ସୁବ୍ୟବସ୍ଥା ଆଦି କରା ହୋଇଅଛି। ଗତ ଚାରିବର୍ଷ ପୂର୍ବେ ଏଠାରେ କାର୍ଯ୍ୟ ଆରମ୍ଭ କରି ଏହିସବୁ ଗଠନମୂଳକ କାର୍ଯ୍ୟ ଚାଲିଅଛି।

ପ୍ରତିବର୍ଷ ଭାରତ ଯେଉଁ ୭୦ ହଜାର ଟନ୍ ନିଉଜ୍ ପ୍ରିଣ୍ଟ ଖର୍ଚ୍ଚ କରୁଅଛି, ତାହାର ମୂଲ୍ୟ ୬କୋଟି ଟଙ୍କା। ଏହା ବିଦେଶକୁ ଦେବାକୁ ହୁଏ।

ନେପାନଗର କାରଖାନାର ଉତ୍ପାଦନ କ୍ଷମତା ବାର୍ଷିକ ୩୦ ହଜାର ଟନ୍। ଏହା ଭାରତର ଏକ ତୃତୀୟାଂଶ ଅଭାବ ପୂରଣ କ୍ଷେତ୍ରରେ ଯଥେଷ୍ଟ।

### ଲୋକସମ୍ପର୍କ ବିଭାଗ ତରଫରୁ

# ଗୋ, କୃଷି ଓ ଶିଳ୍ପ ପ୍ରଦର୍ଶନୀ

[ କୋଟପାଡ଼ ]

ମୋରାପୁଟ ଜିଲ୍ଲା କୋଟପାଡ଼ ଗ୍ରାମରେ ଜିଲ୍ଲା ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଗୋଟିଏ ଗୋ, କୃଷି, ଶିଳ୍ପ ପ୍ରଦର୍ଶନୀ ଗତ ମାର୍ଚ୍ଚ ମାସ ତା ୨।୩ ଦିନ ଅନୁଷ୍ଠିତ ହୋଇଥିଲା, ପ୍ରଦର୍ଶନୀ ଅନୁଷ୍ଠିତ ହେବା ପୂର୍ବରୁ ସ୍ୱୟଂ ବିଭାଗ ଦ୍ୱାରା ଜିଲ୍ଲାର ଚତୁର୍ଦ୍ଦିଗରେ ଏହି ପ୍ରଦର୍ଶନୀ ବିଷୟ ନେଇ ପ୍ରାଞ୍ଜଳ ଓ ବିଶେଷ ଭାବରେ ପ୍ରଚାର କରାଯାଇଥିଲା । ମାର୍ଚ୍ଚ ମାସରେ ଆର୍ଥିକ ବର୍ଷର ଶେଷ ଏବଂ ଅଫିସ କାର୍ଯ୍ୟର ଗୁରୁତ୍ୱ ଓ ସମୟର ସ୍ୱଳ୍ପତା ସତ୍ତ୍ୱେ ପ୍ରଦର୍ଶନୀଟି ଖୁବ୍ ସଫଳତାର ସହିତ ସମ୍ପନ୍ନହୋଇ ପାରିଥିଲା । ପ୍ରଦର୍ଶନୀ ସ୍ଥାନ କୋଟପାଡ଼ଠାରେ ୧୦, ୧୨ ଦିନ ପୂର୍ବରୁ ଗୋଟିଏ କମିଟି ଗଠନ କରାଯାଇ ସେହି କମିଟି ଜରିଆରେ ଅର୍ଥ ଓ ଶ୍ରମଦାନ ବିଷୟରେ ଲୋକଙ୍କୁ ବୁଝାଇ ଦିଆଯାଇଥିଲା । ବିଶେଷତଃ ଆଖପାଖ ଗ୍ରାମବାସୀମାନଙ୍କର ଆଗ୍ରହ ଓ ଶ୍ରମଦାନ, ସ୍ଥାନୀୟ ହାଇସ୍କୁଲ ଛାତ୍ରମାନଙ୍କର ଉତ୍ସାହ, N. C. C. ଛାତ୍ରମାନଙ୍କର ପ୍ରଦର୍ଶନୀ ଭିତରେ ଓ ବାହାରେ ଶୃଙ୍ଖଳାରକ୍ଷାର ବ୍ୟବସ୍ଥା ଏବଂ ସର୍ବୋପରି ଜିଲ୍ଲା ଲୋକସମ୍ପର୍କ ବିଭାଗୀୟ କର୍ମୀମାନଙ୍କର କାର୍ଯ୍ୟ ତତ୍ପରତା ଓ ଜିଲ୍ଲା କଲେକ୍ଟର ଓ ରେଭିନ୍ୟୁ ଡିଭିଜନାଲ ଅଫିସରଙ୍କ ଇତ୍ୟାଦି ବହୁ ବିଶିଷ୍ଟ ସରକାରୀ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଉତ୍ସାହ ଓ ପ୍ରେରଣା ପ୍ରଦର୍ଶନୀଟିକୁ ସାଫଲ୍ୟମଣ୍ଡିତ କରିବାରେ ବହୁବିଧଭାବେ ସାହାଯ୍ୟ କରିଥିଲା ।

ତା ୨୨ ଦିନ ପୂର୍ବରୁ ସମ୍ମିଳନୀ ମଣ୍ଡପ ଓ ପ୍ରଦର୍ଶନୀର ସାଜସଜ୍ଜା ଏବଂ ପ୍ରତ୍ୟେକ ବିଭାଗ ପାଇଁ ସ୍ଥାନ ନିରୂପଣ ପ୍ରାୟ ଶେଷ ହୋଇ ଯାଇଥିଲା । ପ୍ରତ୍ୟେକ ବିଭାଗ ପାଇଁ ଯେଉଁ ସ୍ଥାନ ( Stall ) ନିରୂପିତ ହୋଇଥିଲା, ସେ ସମସ୍ତ ବାଉଁଶ ତାଟି ତୋରଣ ଏବଂ ପତାକା ଦ୍ୱାରା ସୁସଜ୍ଜିତ କରାଯାଇଥିଲା । କୋଠରୀ ଗୁଡ଼ିକର ଅନ୍ତଃ ପ୍ରବେଶ ଭିତର, ରଙ୍ଗର କନା ଦ୍ୱାରା ବିମଣ୍ଡିତ ହୋଇ ଷ୍ଟଲ ଗୁଡ଼ିକର ଶୋଭାବର୍ଦ୍ଧନ କରୁଥିଲା । ଛୋଟ ବଡ଼ ହୋଇ ପ୍ରାୟ ୧୯ ଖଣ୍ଡ କୋଠରୀ ପ୍ରଦର୍ଶନୀରେ ସ୍ଥାନ ପାଇ ପାରିଥିଲା । ଜନ୍ତୁ ପଶୁ ଓ ପକ୍ଷୀ ବିଭାଗ ପାଇଁ ୪ କୋଠି, ଦୁଗ୍ଧଜାତ ପଦାର୍ଥ ପାଇଁ ଗୋଟିଏ, ପଶୁ ବିଭାଗୀୟ ଔଷ... ଏବଂ ସେମାନଙ୍କ ବ୍ୟବହାର୍ଯ୍ୟ ଉପକରଣ ପ୍ରଦର୍ଶନ କରିବାପାଇଁ ଗୋଟିଏ, ସ୍ୱାସ୍ଥ୍ୟବିଭାଗ ପାଇଁ ଗୋଟିଏ, କୃଷି ବିଭାଗ ପାଇଁ ଗୋଟିଏ, ଏତଦ୍ ବ୍ୟତୀତ କୃଷି ଉପକରଣ ଓ ନାନାପ୍ରକାର ଦର୍ଶନୀୟ ଶସ୍ୟ, ଫଳ, ପନିପରିବା ଇତ୍ୟାଦି ପାଇଁ ଗୋଟିଏ ବଡ଼ ଧରଣର ଷ୍ଟଲ, ଲୁଗାବୁଣା ଓ ସୂତାକଟା ପ୍ରଦର୍ଶନୀର ଦୁଇଟି ବଡ଼ ଷ୍ଟଲ, କୁମ୍ଭାର ଓ ଅନ୍ୟାନ୍ୟ ମୃତ୍ତିକା କାରୁକାର୍ଯ୍ୟ ପାଇଁ ଗୋଟିଏ ବଡ଼ ଷ୍ଟଲ, ବିଭିନ୍ନ ପ୍ରକାର ଚିତ୍ରାଙ୍କନ ଓ ମୂର୍ତ୍ତିଗଠନ ପାଇଁ ଗୋଟିଏ ଷ୍ଟଲ ଏବଂ ଲୋକସମ୍ପର୍କ ବିଭାଗୀୟ ବିଭିନ୍ନ ପ୍ର... ପ୍ରସ୍ତୁତ ପାଇଁ ଗୋଟିଏ ପ୍ରକାଣ୍ଡ ଷ୍ଟଲ୍ ଯୋଗାଇ ଦି...

ଯାଇଥିଲା । ତତ୍ସଙ୍ଗେ ହସ୍ତକାମ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ମଧ୍ୟ କୋଠରୀର ବନ୍ଦୋବସ୍ତ କରାଯାଇଥିଲା । ବିଶେଷତଃ ପ୍ରଦର୍ଶନୀର ପ୍ରାନ୍ତସୀମାରେ ଲୋକସମ୍ପର୍କ ବିଭାଗୀୟ ବଡ଼ ଉଦ୍ୟାନ ଓ ସନ୍ତସାଜ ନିର୍ମିତ ସୁନ୍ଦର ଗୋଟିଏ କୋଠରୀ ସଜ୍ଜିତ ହୋଇଥିଲା ।

ପ୍ରଦର୍ଶନୀ ଚତୁର୍ଦ୍ଦିଗର ବେଷ୍ଟନୀ ୧୦୦ × ୧୦୦ ଗଜ ପରିମାଣରେ ନିର୍ମାଣ କରାଯାଇଥିଲା । ତାହାର ମଧ୍ୟ-ସ୍ଥଳରେ ପୁଣି ୬୦ × ୫୦ ଗଜର ଗୋଟିଏ ସଭା ମଣ୍ଡପ ନିର୍ମିତ ହୋଇଥିଲା । ଏହି ମଣ୍ଡପଟି ବିଭିନ୍ନ ରଙ୍ଗର କାଗଜ ଓ ଲତାଦ୍ୱାରା ସୁଶୋଭିତ ହୋଇ ଜନସାଧାରଣଙ୍କର ନୟନାକୃଷ୍ଟ କରି ପାରୁଥିଲା । ପ୍ରଦର୍ଶନୀର ପ୍ରବେଶ ଦ୍ୱାରଟି ଗୋଟିଏ ସୁରମ୍ୟ, ସୁସଜ୍ଜିତ କଳା ତୋରଣ ଦ୍ୱାରା ସୁଶୋଭିତ ହୋଇ ସେଥିରେ ଓଡ଼ିଆ ଅକ୍ଷରରେ ଲୋକସମ୍ପର୍କ ବିଭାଗ, ଗୋ, କୃଷି ଓ ଶିଳ୍ପ ପ୍ରଦର୍ଶନୀର ସୂଚନା ଦେଉଥିଲା ଏବଂ ତାହାର ଉଭୟ ପାର୍ଶ୍ୱରେ ଝୁଲୁଥିବା ଓ କାଗଜର ଜଳପ୍ରପାତର ଦୁଇଟି ମନୋହର ଦୃଶ୍ୟ, ଦର୍ଶକମଣ୍ଡଳୀଙ୍କର ଆନନ୍ଦବର୍ଦ୍ଧନ କରିବା ସଙ୍ଗେ ସଙ୍ଗେ ପ୍ରଦର୍ଶନୀର ଶୋଭାକୁ ଶତଗୁଣିତ କରି-ପାରୁଥିଲା । ତା ୨୭ ସନ୍ଧ୍ୟାଠାରୁ ଲୋକସମ୍ପର୍କ ବିଭାଗର ପ୍ରାୟ ୪୦ଟି ବାଲବ୍ ପ୍ରଦର୍ଶନୀଟିକୁ ସୁରମ୍ୟ ଆଲୋକ ପ୍ରଦାନ କରି ତାହାକୁ ଚିତ୍ତାକର୍ଷକ କରି ପାରୁଥିଲା ଏବଂ ଉକ୍ତ ଆୟୋଜନ ପରେ ତା ୨୭ ଠାରୁ ବିଭିନ୍ନ ନିକଟ ଓ ଦୂରବର୍ତ୍ତୀ ଅଞ୍ଚଳମାନଙ୍କରୁ ପ୍ରଦର୍ଶନୀକୁ ଜିନିଷପତ୍ର ଆସିବା ଆରମ୍ଭ ହୋଇଥିଲା ଏବଂ ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ସେ ଗୁଡ଼ିକ ସଜ୍ଜିତ କରାଯାଇଥିଲା ।


ତତ୍ପରେ ତା ୨୮ ଦିନ ପ୍ରାତଃ ପୂର୍ବରୁ ପ୍ରଦର୍ଶନୀର ଜିନିଷ ସମ୍ଭାର ପୁଣି ଆଗତ ହେଲା । ଜିନିଷ ଗୁଡ଼ିକ ଏତେ ବେଶୀ ଆସିଗଲା ଯେ, ସେଗୁଡ଼ିକୁ ଉପଯୁକ୍ତ ସ୍ଥାନ ବା ସେଠାରେ ଆଉ ଯୋଗା ଯାଇପାରିଲା ନାହିଁ; କିନ୍ତୁ ଫଳମୂଳ ସଂଖ୍ୟା ନ୍ୟୁନ ନହେଲେ ସୁଦ୍ଧା ସେତେ ବିଶେଷଭାବେ ଆସି ପାରି ନ ଥିଲା, କାରଣ ତାହାର ଉପଯୁକ୍ତ ସମୟ ବହୁ ଆଗରୁ ଅତୀତ ହୋଇ ଯାଇଥିଲା । ପରନ୍ତୁ ଯାହା କିଛି ଆସିଥିଲା, ସେ ଗୁଡ଼ିକ ଦର୍ଶକଙ୍କ ମନ ରଞ୍ଜନ କରି ପାରିଥିଲା । ୧୬୦ଟି ବଳଦ ଓ ଗାଈ, ୪୦ଟି କୁକୁଡ଼ା, ୬୦ଟି ହଂସ ଓ କେତୋଟି ମୟୂର ପ୍ରଦର୍ଶନୀକୁ ଅଣାଯାଇଥିଲା । ସର୍ବାପେକ୍ଷା ଲୋକସମ୍ପର୍କ ବିଭାଗ କୋଠରୀ ଗୁଡ଼ିକହିଁ ଶିକ୍ଷାପ୍ରଦ ଓ ଆମୋଦଦାୟକ ହୋଇ ପାରିଥିଲା । ତାପରଠାରୁ ଆମର ବହୁବିଧ ଜିନିଷ ପ୍ରଦର୍ଶନୀରେ ସ୍ଥାନ ପାଇ ପାରିଥିଲା । ପ୍ରାୟ ୧୧ଟା ସମୟରେ ଶ୍ରୀ ବିଦ୍ୟାଧର ସିଂହ ଦେଓ ପ୍ରଦର୍ଶନୀଟିକୁ ଉଦ୍‌ଘାଟନ କରି ଗୋଟିଏ ପ୍ରାଞ୍ଜଳ ଭାଷଣ ଦେଇଥିଲେ । ପ୍ରଦର୍ଶନୀଗୁଡ଼ିକ ସର୍ବ-ସାଧାରଣଙ୍କ ଉପରେ ଯେଉଁ ପ୍ରଭାବ ପକାଏ ଏବଂ ତାହାର ଉପଯୋଗିତା ଇତ୍ୟାଦି ତାହାଙ୍କ ବକ୍ତବ୍ୟ ବିଷୟ ହୋଇଥିଲା । ସନ୍ଧ୍ୟା ସାଢ଼େ ୬ ଘଣ୍ଟା ସମୟରେ ଯେତେବେଳେ ପ୍ରଦର୍ଶନୀରେ ବିଜୁଳି ଆଲୁଅ ଉଜ୍ଜ୍ୱଳ ହୋଇପଡ଼ିଲା, ସେତେବେଳେ ଲୋକ ସମାଗମ କୁହାକଂସା ନଯାଇ ପ୍ରାବଲ୍ୟତାରୁ ବଳି ପଡ଼ୁଥିଲା । ସହସ୍ର ନରନାରୀ ଏକ ସମୟରେ ଆସି ପ୍ରଦର୍ଶନୀକୁ ଅପଲକ ନୟନରେ ଦେଖି ଯାଉଥିଲେ । ପୁଣି ସୁଖର ବିଷୟ ଏହି କି, ଲୋକସମ୍ପର୍କ ବିଭାଗର ଉକ୍ତ ଆୟୋଜନରେ ସେମାନେ ଏତେଦୂର ବିସ୍ମିତ ଓ ଆନନ୍ଦିତ ହୋଇ ପାରିଥିଲେ ଯେ, ସେମାନଙ୍କର ପ୍ରକୃତି ଦେବୀ ସେମାନଙ୍କୁ ଯେଉଁ ଦୁଃଖ ପ୍ରଦାନ କରୁଥିଲା, ତାହାର ପରମୁହୂର୍ତ୍ତର ଭାବ, ସେମାନଙ୍କର ଆନନ୍ଦକୁ ଦ୍ୱିଗୁଣିତ କରି ପାରୁଥିଲା — କହିଲେ ଅତ୍ୟୁକ୍ତି ହେବ ନାହିଁ । ଲୋକସମ୍ପର୍କ ବିଭାଗର କର୍ମଚାରୀ ଓ କର୍ମିବୃନ୍ଦ ପ୍ରାତଃକାଳଠାରୁ ଭିନ୍ନ ଭିନ୍ନ ସ୍ଥାନରେ ଦର୍ଶକ ମଣ୍ଡଳୀଙ୍କୁ ଭିନ୍ନ ଭିନ୍ନ ଚାର୍ଟ ଓ ଛବି ଗୁଡ଼ିକର ବିଶଦ ବ୍ୟାଖ୍ୟା ଦେଉଥିଲେ, ସ୍ୱାସ୍ଥ୍ୟ ବିଭାଗ ମେଜିକ ଲଣ୍ଠନ୍ ସାହାଯ୍ୟରେ ମେଲେରିଆ ହଇଜା ଇତ୍ୟାଦିର

(ସ୍ଲାଇଡ୍) ସୂଚକ ଦେଖାଉ ଥିଲେ ଏବଂ ଗୋଟିଏ ହରିଜନ ନୃତ୍ୟର ଆୟୋଜନ ମଧ୍ୟ ସେହି ଦିନ କରାଯାଇଥିଲା । ରାତି ସାଢ଼େ ୧୨ ଘଣ୍ଟା ପର୍ଯ୍ୟନ୍ତ ଲୋକ ସମାଗମ କମି ନ ଥିଲା । ପ୍ରାୟ ଗୋଟାଏ ବେଳେ ପ୍ରଦର୍ଶନୀର ଜନଗହଳି ଅଳ୍ପ କମିଥିଲା ।

ତା ପର ଦିନ ପ୍ରାୟ ଆଠ ଘଣ୍ଟା ବେଳେ ପ୍ରଦର୍ଶନୀର ଦ୍ୱାର ପୁନର୍ବାର ଖୋଲାଯାଇଥିଲା । ଦିବା ପ୍ରାୟ ୭ ଘଣ୍ଟାଠାରୁ ୧୦ଘଣ୍ଟା ଯାଏ ଖେଳକୌତୁକର ଆୟୋଜନ ହୋଇଥିଲା । ସେହିମାନେ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସେମାନଙ୍କ ମଧ୍ୟରୁ ଉତ୍କୃଷ୍ଟ ଖେଳାଳିଙ୍କୁ ମନୋନୀତ କରାଯାଇଥିଲା । ପ୍ରାୟତଃ ଭେଟେଭ ଲୋକଙ୍କ ପୃଷ୍ଠପୋଷକରେ ଉତ୍କୃଷ୍ଟ ବିବେଚିତ ହୋଇଥିବା ପ୍ରଦର୍ଶନୀର ଜିନିଷଗୁଡ଼ିକୁ ପୁରସ୍କାର ଦିଆଯାଇଥିଲା । ତନ୍ମଧ୍ୟରୁ ଗୋରୁ ଘାଣ୍ଡି ବିଭାଗ ୧୧୦ ଟଙ୍କା, ହସ୍ତଶିଳ୍ପ, ମୃତ୍ତିକା ଶିଳ୍ପ ଓ ସୂଚୀକର୍ମ କାମ ପାଇଁ ୧୩୦ ଟଙ୍କା, କୃଷି ବିଭାଗ ୮୫ ଟଙ୍କା, ସଙ୍ଗୀତ ୧୫ ଟଙ୍କା, ଗୀତ, ନୃତ୍ୟ ଏବଂ ମେଳଣ ପାଇଁ ୩୦ ଟଙ୍କା, ଖେଳ କସରତ ପାଇଁ ୪୦ ଟଙ୍କା ଦିଆଯାଇଥିଲା । ଦିନ ୨ଘଟିକା ସମୟରେ ଜିଲ୍ଲା କଲେକ୍ଟର ପ୍ରଦର୍ଶନୀର ଆୟୋଜନ ସବୁକୁ ଭଲ ଭଲ ଦେଖା କରି ଦେଖିଥିଲେ ଓ ଉତ୍କୃଷ୍ଟ କାର୍ଯ୍ୟକାରୀ ଲୋକଙ୍କୁ ପୁରସ୍କାର ପ୍ରଶଂସାପତ୍ର ଦିଆଯାଇଥିଲା । ପୁରସ୍କାର ବିତରଣୀ ସଭାରେ ଜିଲ୍ଲା ପ୍ରଚାର ବିଭାଗୀୟ ଅଫିସର ପ୍ରଦର୍ଶନୀର ଉପଯୋଗିତା ଓ ତାହାର ପ୍ରଧାନ କାର୍ଯ୍ୟକ୍ରମ ଗୁଡ଼ିକ ଲକ୍ଷ୍ୟ କରି ଅର୍ଥାତ୍ କେନ୍ଦ୍ର ଓ ପ୍ରାଦେଶିକ ସରକାର କିପରି ଦେଶର ଅନାଟନ, ଅଶିକ୍ଷା, ଅସ୍ପୃଶ୍ୟତା ଓ ଦାରିଦ୍ର୍ୟତା ବିରୁଦ୍ଧରେ ଲଢ଼େଇ ଚଳେଇଛନ୍ତି, ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ସମ୍ବନ୍ଧରେ ମଧ୍ୟ ଭାଷଣ ଦେଇଥିଲେ । ତାହାଙ୍କ ଭାଷଣର ମୁଖ୍ୟବସ୍ତୁ ଥିଲା ଭାରତ କିପରି ଏହି ୫ବର୍ଷ ମଧ୍ୟରେ ତାହାର ଖାଦ୍ୟ ଅନାଟନ ଦୂର କରି ପାରନ୍ତି ଏବଂ ଜଳସେଚନ, ଚର୍ମଶିଳ୍ପ, ବସ୍ତ୍ରଶିଳ୍ପ, କଳକାରଖାନା ଇତ୍ୟାଦିରେ ମଧ୍ୟ ଭାରତ କିପରି ଦୃଢ଼ ଅଗ୍ରଗତି କରିଛି । ସେ ପୁଣି କହିଥିଲେ ଯେ ଅଞ୍ଚଳ ଶାସନ, ଗ୍ରାମ ପଞ୍ଚାୟତ ଇତ୍ୟାଦି ସଂଗଠନମୂଳକ କାର୍ଯ୍ୟପ୍ରଣାଳୀ ଲୋକଙ୍କର ଉନ୍ନତି-ଉର ଅଭିବୃଦ୍ଧିକୁ ସାହାଯ୍ୟ କରିପାରନ୍ତି ଏବଂ ସେମାନଙ୍କ ଉନ୍ନତିର ରାସ୍ତାକୁ ସୁଗମ କରିବାରେ ସାହାଯ୍ୟ କରିପାରନ୍ତି । ଅତଏବ ଏହାଦ୍ୱାରା ପ୍ରଦର୍ଶନୀ ଗୁଡ଼ିକ ଲୋକଙ୍କ ମନରେ ଉତ୍ସାହ ଖେଳାଇବାରେ ସମର୍ଥ ହେବ ଯେ, ସରକାର ସେମାନଙ୍କ ପାଇଁ କିପରି କାମ ସବୁ କରୁଯାଉଛନ୍ତି ଏବଂ କରିବ । ଶେଷରେ ଲୋକମାନଙ୍କୁ ଅନୁରୋଧ କରାଯାଇଥିଲା ଯେ ଆଜିର ଏହି ଲୋକ-ସରକାରଙ୍କ ସଙ୍କଳ୍ପ ପୂର୍ଣ୍ଣ ହେବାରେ ସହଯୋଗ କରି ସେମାନେ ତାହାଠାରୁ କାମ ଆଦାୟ କରନ୍ତୁ ଏବଂ ନିଜେ ନିଜେ ସୁଖ ଲାଭ କରନ୍ତୁ ।

ସଭା ଶେଷରେ ଜନୈକ ସ୍ଥାନୀୟ ବାବୁ ଶ୍ରୀ ବିଶ୍ୱନାଥ ମହାପାତ୍ର ଜିଲ୍ଲା କଲେକ୍ଟରଙ୍କୁ ଓ ସର୍ବସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପୁରସ୍କାର ବିତରଣ ଉତ୍ସବ ପରେ ୭ ଘଣ୍ଟାଠାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଲୋକସମ୍ପର୍କ ବିଭାଗ ତରଫରୁ ସିନେମା ଦେଖାଯାଇଥିଲା ଏବଂ ସେଥିରେ ପ୍ରାୟ ୫୦୦୦ ଲୋକ ଯୋଗ ଦେଇଥିଲେ ଏବଂ ସେହିଦିନ ପ୍ରଦର୍ଶନୀ ପ୍ରାୟ ରାତି ୨ ଘଣ୍ଟା ପର୍ଯ୍ୟନ୍ତ ଖୋଲା ରଖାଯାଇଥିଲା ।



# ଭୂଦାନ ସମାଚାର

## ସର୍ବସ୍ୱଦାନ ଗ୍ରାମର ତାଲିକା

କୋରାପୁଟ ଜିଲାରେ
ପୂଜ୍ୟ ବିନୋବାଜୀଙ୍କ
ଗସ୍ତକାଳ ଆହୁରି ଦୁଇ ମାସ
ବୃଦ୍ଧି ପାଇଅଛି

### କୋରାପୁଟ ଜିଲ୍ଲା

୧। ହନୁମନ୍ତପୁର
୨। ଭେଜାବଗ୍ର
୩। ଭେପାଗୁଡ଼ା
୪। ଜାଲୁଗୁଡ଼ା
୫। ଗୁଂଡ଼ଲିଗୁଡ଼ା
୬। ଅଣ୍ଡ୍ରାକେନ୍ଦ
୭। ଜାମଟଣା
୮। ଜାଙ୍ଗଂଚୋଲା
୯। ମେଲ୍‌ଜାଜୁଣ
୧୦। ବୁଢ଼ଙ୍ଗ
୧୧। ମେଣ୍ଡୁଆପଠା
୧୨। କଂଜାସ୍ତ
୧୩। ଶୁଙ୍ଗାଗୁଡ଼ା
୧୪। ଅଲିପଣ୍ଡା
୧୫। ଘୁମ୍‌ଲୁଢ଼
୧୬। ଭେଚପଣ୍ଡା
୧୭। କୁଟୁଲୁଲୁପା
୧୮। ଜପାଖାଲ
୧୯। ଜାଙ୍ଗଂଜା
୨୦। ମାଡ଼ଗୁଡ଼ା
୨୧। ଡବଗୁଡ଼
୨୨। ଦେଲଣ୍ଡି
୨୩। ଦଲଚଗୁଡ଼
୨୪। ମ'ଜିଗୁଡ଼ା
୨୫। ମଖନାଗୁଡ଼
୨୬। ପିଡାପାଙ୍ଗା
୨୭। କୁଡ଼ସରୁ ଓ ଗାଗଡ଼ାସେଲଗ
୨୮। ଉଡ଼ୁଡ଼ାଙ୍ଗେ
୨୯। କୁଟିଙ୍ଗଗୁଡ଼ା

୩୦ । ଓ ବଡ଼
୩୧ । ଜାରଶା
୩୨ । ଗବାଡଗୁଡ଼ା
୩୩ । ଭାଲୁଛୁଟବଡ଼ା
୩୪ । ପୁଡ଼ାସ୍ତ
୩୫ । ପୁକୁସ
୩୬ । ତୋରଖାଲ
୩୭ । ଚେମାଗୁଡ଼
୩୮ । ବୁଡ଼ାଡ଼ାପଡା
୩୯ । ଭାଂଡଗୁଡ଼ା
୪୦ । ଲୁଂଡ଼ୁକୁଗୁଡ଼ା ଓ
ଲଟାପଦର
୪୧ । ଦିବାଗୁଡ଼
୪୨ । ମୁଦଗୁଡ଼ା
୪୩ । ମୁଠଗୁଡ଼ା
୪୪ । ବୋଡ଼ଡାଲ
୪୫ । ଗେଡ଼ାବାରସି
୪୬ । ଭାଲୁମୁଣ୍ଡ
୪୭ । ଖଂଡାଣଗୁଡ଼ା
୪୮ । ମୁଟୁଲଗୁଡ଼ା
୪୯ । ଉଡ଼ାବାଲି
୫୦ । ଚେଳାଗୁଡ
୫୧ । ସୁଦାଗୁଡ଼
୫୨ । ଭୁଆସୁଭ
୫୩ । ଭଟାମୁଣ୍ଡା
୫୪ । ମୁନାରଗାଁ
୫୫ । ବାଲିଦଗୁଡ଼
୫୬ । ବଦେଇ
୫୭ । ଆଦଷାଂଗା
୫୮ । ଜାନ୍ଧିଗିମା
୫୯ । ସାରସାମିଲୁ
୬୦ । ଗୋଲଡ଼ାଭା
୬୧ । ଅଂବଲିମା
୬୨ । ସେମାବାଡ଼ୁ
୬୩ । ଗରଲଗୁଡ଼ା
୬୪ । କୁଡ଼ମଗୁଡ଼ା
୬୫ । ପିଢ଼ି
୬୬ । ଗୋବରପାଲି
୬୭ । ଢଃନାଦପୁର
୬୮ । ଡଙ୍ଗିପୁର
୬୯ । ପଡ଼େଇଭାଳ
୭୦ । ଡୁମଲିମା
୭୧ । ଅଡ଼ାବାଡ଼
୭୨ । ଜଲିଖିଗୁଡ଼ା
୭୩ । ଜଟିଂଜଗୁଡ଼ା
୭୪ । ସାନବାମୁଣଗୁଡ଼ା
୭୫ । କୁସପଦର
୭୬ । ଢୋଲମୁଣ୍ଡି
୭୭ । ବଡ଼ବାମୁଣଗୁଡ଼ା
୭୮ । ଭସତପଦର
୭୯ । ବାଉପିଲି ଓ ସିସପୁର
୮୦ । ଭଟିଭାଭାଲ
୮୧ । ସୁଡ଼ଗୁଡ଼ା
୮୨ । ଖ ଣଗୁଡ଼ା
୮୩ । ପାଟଲେ
୮୪ । ନାକଟି
୮୫ । ଡେଲା
୮୬ । ଡଙ୍ଗରଡେଲା
୮୭ । ମାଣଧାର
୮୮ । ଗୁବୁଜୁପୁଲି
୮୯ । ଜମାଟୋଲା
୯୦ । ଭାଠୁସାଡ଼ା
୯୧ । ଢୋଟରଗାଣ୍ଡା
୯୨ । ବେଡେଲ
୯୩ । କୁଣକବାଡ଼
୯୪ । ଘଂଟ
୯୫ । ଭଲପଦର
୯୬ । ସପୁମୁ
୯୭ । ନୂଆଗାଂଖଲି
୯୮ । ଶୁକୁକୁଦାନୁ
୯୯ । ସମୁକଣା
୧୦୦ । କୁଟୁଲି
୧୦୧ । କୁଟୁରପାଲି
୧୦୨ । ବୁଜିବାବୋ
୧୦୩ । ଓଟେଲୁଙ୍ଗା
୧୦୪ । ମାଚେଡ଼
୧୦୫ । କୁକୁଣିବୋଲ
୧୦୬ । ଭଛଡାଲାଘୋଡ଼ୀ
୧୦୭ । ସମଜା
୧୦୮ । ବେଲୁଗୁଡ଼ା
୧୦୯ । ମିଦାପାଇ
୧୧୦ । କୁଟିଙ୍ଗା
୧୧୧ । ବଁଧବାଇ
୧୧୨ । ଲୁଚଭାଲିଟା
୧୧୩ । ବକଡ଼ାଗୁଡ଼
୧୧୪ । ଖଜନଗୁଡ଼ା
୧୧୫ । ଶିଦଲଙ୍ଗ ପୁର
୧୧୬ । ପୁଟିଗଗୁଡ଼ା
୧୧୭ । ଗୋଲଣ୍ଡା
୧୧୮ । ସାନ ଗଉଡ଼େଲ
୧୧୯ । ବଡ଼ ,, ,,
୧୨୦ । କପସୁସାଡ଼ା
୧୨୧ । ଖାଣଗୁଡ଼ା
୧୨୨ । ଜମପଦର
୧୨୩ । ଖୁଲୁଂଢ଼
୧୨୪ । ଘଣ୍ଟେସୁ

୧୨୫ । ସାଉସାଙ୍ଗୁ
୧୨୬ । ବାଜଲ ଡ଼ାଙ୍ଗୁ
୧୨୭ । କେଉଁଜା
୧୨୮ । ଶିଉଖଣ୍ଡି
୧୨୯ । ଦୁଦ୍ରୁକଗୁଡ଼ା
୧୩୦ । କେବଡ଼
୧୩୧ । ସେନ୍ଦୁର୍ ମାନଗୁଡ଼ା
୧୩୨ । କଲଭାମ ତଣ୍ଡାକଗୁଡ଼ା
୧୩୩ । ନଉଗାଁ
୧୩୪ । ତଣ୍ଡାଲ ଆଡ଼ମୁଣ୍ଡା
୧୩୫ । ଝୁଲନଦଲ୍ଲୀଗୁଡ଼ା
୧୩୬ । ପାଇକ ଗୋପି
୧୩୭ । ଗାନ୍ଧଆଗୁଡ଼ା
୧୩୮ । ବଡ଼ଲୀ ମାଜିଗୁଡ଼ା
୧୩୯ । ଚର୍କଲଗୁଡ଼ା
୧୪୦ । ତମ୍ବଲ
୧୪୧ । ଲୁଣାପେଟି
୧୪୨ । ମାଳମୁଣ୍ଡା
୧୪୩ । ଡ଼ମୁରଗୁଡ଼ା
୧୪୪ । ବାରଗୁଡ଼ା
୧୪୫ । ଲଡାପୁଟ
୧୪୬ । ନାରଙ୍ଗା
୧୪୭ । ଡେଙ୍ଗା ଜାମୁଗୁଡ଼
୧୪୮ । ଶୁକୁଟାପେଟ
୧୪୯ । ମୁବାଙ୍ଗ
୧୫୦ । ଭେଜାପଦର
୧୫୧ । ଲଖାପୁଟ
୧୫୨ । ଖିଲପୁଟ
୧୫୩ । ପୁଞ୍ଜାପାଇ
୧୫୪ । ମଣ୍ଡିଆଗୁଡ଼ା
୧୫୫ । ଶୀଶଗୁଡ଼ା
୧୫୬ । ରେଙ୍ଗାମଗୁଡ଼ା
୧୫୭ । ଭ୍ରମର ଘଣ୍ଟି
୧୫୮ । କେବଡ଼

## ପୁରୀ ଜିଲ୍ଲା

୧ । ବ୍ରହ୍ମେଶ୍ବରପୁର

## କଟକ ଜିଲ୍ଲା

୧ । ମାନପୁର

## କେନ୍ଦୁଝର ଜିଲ୍ଲା

୧ । ବଧିବାମନପୁର

## ସମ୍ବଲପୁର ଜିଲ୍ଲା

୧ । ଉଦ୍ଭକ ପୁର
୨ । ଭୁକେଡ଼ଗାଁ
୩ । ଜଟଗଡ଼
୪ । ମାଣ୍ଡିଆ ଢ଼ିପା
୫ । ସୁମଙ୍ଘାଲି
୬ । ଉଲେଉପାଲି

## ଗଞ୍ଜାମ ଜିଲ୍ଲା

୧ । କେନ୍ଦୁପଡ଼ା
୨ । ଲୁବାଉସିଂ
୩ । ଅବାରସିଂ
୪ । ସୁନ୍ଦରବା
୫ । ଡୁମଳ
୬ । ଅବାରସିଂ
୭ । ଆଟେକଲି

## ଢେଙ୍କାନାଳ ଜିଲ୍ଲା

୧ । ପରମହଂସ ପୁର

## ବାଲେଶ୍ବର ଜିଲ୍ଲା

୧ । ଭୁବାଡ଼ଆ
୨ । ଗଡ଼ମୁଦିଁ
୩ । ଦେଲପାଲ
୪ । ଆପଡୋମା
୫ । ଭୁଲିଆ ପଦା
୬ । ପ୍ରସାଦ ଶୁକ
୭ । ଭଙ୍ଗାମାଟିଆ
୮ । ପଥସ୍ବ ଉଖୋଲ
୯ । ଗୋଲୁଣ୍ଡି
୧୦ । ଭାସଧଡ଼ା
୧୧ । ବଣକାଟୀ
୧୨ । ସର୍ବାଉ ବନ୍ଧ
୧୩ । ଗେଙ୍ଗଟାବଣୀ
୧୪ । ଭୁଜଘଣୁକ
୧୫ । ପିଥ୍ରୁ ବଣୀ
୧୬ । ଭୁଲସୀବଣୀ
୧୭ । ଭୁପାଖ୍ବୀ
୧୮ । ଜସାଦ୍ବୀ
୧୯ । ଘାସିପଦା
୨୦ । ସାଇଁଦୋ
୨୧ । ଖଜ୍ଜଦଡ଼ା
୨୨ । ଦୁଧିଆଶାଳୀ
୨୩ । ଭଙ୍ଗା
୨୪ । ବାଉଁଶବଣୀ
୨୫ । ପସ୍ତାଖାଲି
୨୬ । ମୁକସୋଡ଼ୀ
୨୭ । ପୁଲସ୍ବ
୨୮ । ଛେନ୍ଦଡ଼ା
୨୯ । ଜାମଶୁଳୀ
୩୦ । ଖଲ୍ଲକଦସା
୩୧ । ‘ଦ’ ମାଟିଆ
୩୨ । ପୁଡ଼ୁଡ଼ା
୩୩ । ଉପର ଗୋଲୁଣ୍ଡି
୩୪ । ଧାନଘେରା

୩୫ । କବାଟ ଘାଟୀ
୩୬ । ବାହାରଗଡ଼
୩୭ । ଜମଡହା
୩୮ । ଗଧଡ଼ା
୩୯ । ଖୋଦଆ ମାଟିସାହି
୪୦ । କୁଚବଣିଆ
୪୧ । ବଉଡଳଗାଗୁଣ୍ଡି
୪୨ । ଗାନ୍ଧଳଆ
୪୩ । ଜଢଆଣୀ
୪୪ । ମାଲ୍ଲଭଞ୍ଜ
୪୫ । ନଥୁବ୍ରସେର
୪୬ । ଧାନସେର
୪୭ । ଭେମୁଣବଣ
୪୮ । ପଥରଶୂଳ
୪୯ । ଶାମନଗର
୫୦ । ଗନ୍ଧଡ଼ବସା
୫୧ । ବଣଟିଭାଏଡ ପୁର
୫୨ । କୁମୁଟିଆପଦା
୫୩ । ଘଣ୍ଟବଣୀ
୫୪ । ଜଦୁଆଶୋଳ
୫୫ । ସୁଜଗଡ଼
୫୬ । ଆମ୍ବସ୍ତ ଶୋଳ
୫୭ । ପଥରକୁଟିଆ
୫୮ । ଭାଲକୁଡ଼
୫୯ । ପୁଳଗଡ଼ଆ
୬୦ । ଚେନ୍ଦୁଳଆ
୬୧ । ସମପୁର
୬୨ । ଛଣପଦା
୬୩ । ସିଂପୁର
୬୪ । ବଉଷ୍ଟପୁର
୬୫ । ଦ ଡୁମ୍ବ
୬୬ । କଣ୍ଟ ବଣୀ
୬୭ । ଘାଲୁଜଆ
୬୮ । କୁକୁଡ଼ଆ
୬୯ । ଭଣ୍ଡାବଣୀ
୭୦ । ଶିମୁଳଆ
୭୧ । ଦାମୋଦରପୁର
୭୨ । ସାହାପୁର
୭୩ । ଚଣ୍ଡିପୁର

## ମୟୂରଭଞ୍ଜ ଜିଲ୍ଲା

୧ । ହୃପୁର
୨ । ବଙ୍କଶୋଳ
୩ । କଆଖାଳୀ
୪ । ଦୁଆରସେଣୀ
୫ । ମିର୍ଜ ପୁର
୬ । ମଙ୍ଗଳପୁର
୭ । ଅସ୍ତିଆ (୧)
୮ । ପହରାଜପୁର
୯ । ଗୋପୀନାଥପୁର
୧୦ । ଗାଲିଆଶୋଳ
୧୧ । ସାଗର
୧୨ । ବଳେଇଗଡ଼
୧୩ । ଭେଙ୍ଗାନାଳଆ
୧୪ । ସାହମାଣ୍ଡି
୧୫ । ଜମ୍ବୀରଗାଳ
୧୬ । ଅଣ୍ଡିରପାଳ
୧୭ । ମଧୁରଆ
୧୮ । ଘେ ଡ଼ା ଘେ ଡ଼ା
୧୯ । ଅସ୍ତି ଆ (୨)
୨୦ । ଭଉସଶୋଳ
୨୧ । ଆମ୍ବଡହା
୨୨ । କୁଆସାଣ୍ଡି
୨୩ । ଧାନଶୋଳା

୧୩ ଜିଲ୍ଲାରେ ସଦସ୍ୟଭାଜ ଗ୍ରାମମାନଙ୍କର ମୋଟ ସଂଖ୍ୟା ୨୬୦


# ଜିଲ୍ଲା ଉଦ୍ୟୋଗ ପ୍ରଦର୍ଶନୀ, ପୁରୀ




ପ୍ରଦର୍ଶନୀରେ ପଞ୍ଚବାର୍ଷିକ ଯୋଜନା
ପାଇଁ ଉଦ୍‌ଘାଟିତ ସ୍ୱତନ୍ତ୍ର ଷ୍ଟଲ୍
( ଲୋକସମ୍ପର୍କ ବିଭାଗ )



ପଞ୍ଚବାର୍ଷିକ ଯୋଜନାର ଶ୍ରମଦାନ
ପାଇଁ ସମସ୍ତଙ୍କ ସହଯୋଗ
( ଲୋକସମ୍ପର୍କ ବିଭାଗର ପୋଷ୍ଟର )




ଲୋକସମ୍ପର୍କ ବିଭାଗ ଷ୍ଟଲ୍‌ରେ ରାଜ୍ୟପାଳ

# ଉତ୍କଳ ଉଦ୍ୟୋଗ ପ୍ରଦର୍ଶନୀ, ପୁରୀ



କୃଷି ବିଭାଗ ଷ୍ଟଲ୍ ନିକଟରେ ରାଜ୍ୟପାଳ



ରାଜ୍ୟପାଳ ସିଦ୍ଧେକୋଣ ଭୂମି ଜଳସେଚନ ଯୋଜନାର ନକ୍ସା ଦେଖୁଛନ୍ତି

# ଓଡ଼ିଶାରେ ଭୂଦାନଯଜ୍ଞର ଅଗ୍ରଗତି

( ୨୫।୭।୫୫ ପର୍ଯ୍ୟନ୍ତ ପ୍ରାପ୍ତ ଗ୍ରାମ, ଜମି ଓ ଦାନପତ୍ରର ହିସାବ )

| | * ନୂତନ ପ୍ରାପ୍ତି * | | | | * ୨୫-୭-୫୫ ପର୍ଯ୍ୟନ୍ତ * | | | |
|---|---|---|---|---|---|---|---|---|
| ାଙ୍କ ଜିଲ୍ଲା | ଗ୍ରାମ | ଦାନପତ୍ର | ଜମି | | ଗ୍ରାମ | ଦାନପତ୍ର | ଜମି | |
| | | | ଏ: | ଡେ: | | | ଏ: | ଡେ: |
| । କଟକ | — | — | — | — | ୧୮୭୨ | ୨୭୧୦୭ | ୧୫,୫୫୮ | ୮୭ |
| । ପୁରୀ | — | — | — | — | ୮୧୮ | ୫୯୦୯ | ୧୨୭୦୧ | ୧୦ |
| । ବାଲେଶ୍ୱର | ୭୫ | ୩୭୮ | ୩୨୫ | ୪୭ | ୨୪୪୮ | ୧୭୦୩୯ | ୨୫୭୯୩ | ୭୨½ |
| । କୋରାପୁଟ | — | ୮୭୩ | ୪୯୩୭ | ୦୭ | ୪୪୫ | ୧୦୪୧୫ | ୭୫୭୭୩ | ୨୭½ |
| । ସୁନ୍ଦରଗଡ଼ | ୧୫ | ୧୭୦ | ୫୩ | ୪୭ | ୨୭ | ୩୨୧ | ୩୧୩ | ୮୭ |
| । କେନ୍ଦୁଝର | — | — | — | — | — | ୧୫୫୦ | ୧୦୩୭ | ୯୨ |
| । ଗଞ୍ଜାମ | — | — | — | — | ୨୯୨ | ୧୧୫୭ | ୨୩୦୦ | ୧୮ |
| । ବଲାଙ୍ଗିର | — | — | — | — | — | ୧୩୫ | ୩୭୨ | ୨୭ |
| । ବୌଦ୍ଧ | — | ୨୮ | ୧୦୯ | ୭୦ | — | ୨୩୧ | ୨୭୩ | ୧୫ |
| । କଳାହାଣ୍ଡି | — | — | — | — | — | ୧୩୩୭ | ୩୭୪୫ | ୩୭ |
| । ସମ୍ବଲପୁର | — | — | — | — | ୪୪୩ | ୩୦୫୫ | ୧୧୭୪୯ | — |
| । ମୟୂରଭଞ୍ଜ | — | — | — | — | — | ୨୭୯୨ | ୫୪୦୦ | ୦୯ |
| । ଢେଙ୍କାନାଳ | — | — | — | — | ୭୨୭ | ୧୯୪୧ | ୮୭୮୩ | ୩୦ |
| ସର୍ବମୋଟ | ୮୦ | ୧୪୧୯ | ୫୪୨୫ | ୭୯ | ୭୦୭୨ | ୭୧୯୮୮ | ୧୫୦,୨୯୧ | ୦୯ |

### * ପୂର୍ତ୍ତି ପ୍ରାପ୍ତି *

| କ୍ରମାଙ୍କ | ଜିଲ୍ଲା | ଗ୍ରାମ | ଦାନପତ୍ର | ଜମି | | ପରିବାର | ଜମି | | ଘରଡ଼ି | ଶ୍ରମ | ସମ୍ପତ୍ତି |
|---|---|---|---|---|---|---|---|---|---|---|---|
| | | | | ଏ: | ଡେ: | | ଏ: | ଡେ: | ଦାନ | ଦାନ | ଦାନ |
| ୧ । | କଟକ | ୧୮୭୨ | ୨୬୧୦୬ | ୧୫୫୫୮ | ୮୬ | ୨୩୨ | ୭୭୯ | ୨୭ | ୮୨ | ୫୨ | ୧ |
| ୨ । | ପୁରୀ | ୮୧୮ | ୫୯୦୫ | ୧୨୬୦୧ | ୧୦ | ୯୨ | ୧୭ | ୧୨ | ୭ | ୮ | ୧ |
| ୩ । | ବାଲେଶ୍ୱର | ୨୫୧୩ | ୭୪୦୭ | ୨୭୧୦୯ | ୧୯½ | ୩୭୮ | ୮୨୧ | ୭୪½ | ୨ | ୨୩ | ୭୩ |
| ୪ । | କୋରାପୁଟ | ୪୪୫ | ୧୧୨୭୮ | ୨୦୭୭୧୦ | ୩୩½ | ୨୧୩ | ୧୪୧୨ | — | ୧ | ୭ | ୧୫୮ |
| ୫ । | ସୁନ୍ଦରଗଡ଼ | ୪୨ | ୪୮୧ | ୩୫୭ | ୩୨ | — | — | — | — | — | — |
| ୬ । | କେନ୍ଦୁଝର | — | ୧୫୫୦ | ୧୦୩୭ | ୯୨ | — | — | — | — | — | ୧ |
| ୭ । | ଗଞ୍ଜାମ | ୨୯୨ | ୧୧୫୭ | ୨୩୦୦ | ୧୮ | — | — | — | ୧ | ୧ | ୨ |
| ୮ । | ବଲାଙ୍ଗିର | — | ୧୩୫ | ୩୬୨ | ୨୬ | — | — | — | — | ୧ | — |
| ୯ । | ବୌଦ୍ଧ | — | ୨୫୯ | ୩୮୨ | ୮୫ | — | — | — | — | — | — |
| ୧୦ । | କଳାହାଣ୍ଡି | — | ୧୩୩୭ | ୩୭୪୫ | ୩୭ | — | — | — | — | ୧ | — |
| ୧୧ । | ସମ୍ବଲପୁର | ୪୪୩ | ୩୦୫୫ | ୧୧୬୪୯ | — | ୪୧ | ୧୬୬ | ୫ | ୧ | ୬ | ୫ |
| ୧୨ । | ମୟୂରଭଞ୍ଜ | — | ୨୭୯୨ | ୨୪୦୦ | ୦୯ | — | — | — | — | ୨ | ୨୩ |
| ୧୩ । | ଢେଙ୍କାନାଳ | ୭୨୭ | ୧୯୪୧ | ୮୭୮୩ | ୩୦ | — | — | — | — | ୨ | ୧ |
| | ସର୍ବମୋଟ | ୭୧୫୨ | ୭୩୪୦୭ | ୧୫୫୭୧୭ | ୭୮ | ୯୫୭ | ୩୨୩୭ | ୦୮½ | ୯୪ | ୧୦୩ | ୨୭ |

# ହିନ୍ଦୀ କମିସନ

ସମ୍ବିଧାନର ୩୪୪ ପ୍ରକରଣ ଅନୁସାରେ ରାଷ୍ଟ୍ରପତି ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ନେଇ ହିନ୍ଦୀ କମିସନ ବା ରାଷ୍ଟ୍ରଭାଷା କମିସନ ନିଯୁକ୍ତ କରି ଅଛନ୍ତି । ଶ୍ରୀ ବି.ଜି. ଖେର୍ ଏଥିର ସଭାପତି ନିଯୁକ୍ତ ହୋଇଅଛନ୍ତି ।

୧ । ଡକ୍ଟର ବିରିଞ୍ଚି କୁମାର ବରୁଆ
ଗୌହାଟି ବିଶ୍ୱବିଦ୍ୟାଳୟର
ଆସାମୀ ଭାଷା ବିଭାଗର ଅଧ୍ୟକ୍ଷ — ଆସାମ

୨ । ଡକ୍ଟର ଏସ୍. କେ. ଚାଟାର୍ଜୀ
ପଶ୍ଚିମ ବଙ୍ଗ ବ୍ୟବସ୍ଥାପକ ସଭାର
ବାଚସ୍ପତି — ପଶ୍ଚିମ ବଙ୍ଗ

୩ । ଶ୍ରୀ ମଗନଭାଇ ଦେଶାଇ
ଗୁଜୁରାଟ ବିଦ୍ୟାପୀଠ
ଅହମଦାବାଦ — — ବମ୍ବେ

୪ । ଶ୍ରୀ ଡି. ପି. ପାଣ୍ଡେ
କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟର
ଭାଇସ୍-ଚାନ୍ସେଲର — ବମ୍ବେ

୫ । ଅଧ୍ୟାପକ ପି. ଏନ୍. ପୁଷ୍ପ
ଅମର ସିଂହ କଲେଜ, ଶ୍ରୀନଗର — କାଶ୍ମୀର

୬ । ଶ୍ରୀ ଏନ୍. କେ. ରାଜା
ସମ୍ପାଦକ 'ଦୀନାବନ୍ଧୁ'
ଏର୍ଣ୍ଣାକୁଲ — ତ୍ରିବାଙ୍କୁର-କୋଚିନ

୭ । ଡକ୍ଟର ପି. ସୁବାରାୟନ
ସଭ୍ୟ, ରାଜ୍ୟସଭା, ମାନ୍ଦ୍ରାଜ — ମାନ୍ଦ୍ରାଜ

୮ । ଶ୍ରୀ ଜି. ପି. ନେନେ
ସସ୍ତୁଶ୍ରୁଷ ଭବନ, ପୁନା — ବମ୍ବେ

୯ । ଡକ୍ଟର ପି. କେ. ପରିଜା
ପ୍ରୋ-ଭାଇସ୍-ଚାନ୍ସେଲର, ଉତ୍କଳ ବିଶ୍ୱବିଦ୍ୟାଳୟ
କଟକ — ଓଡ଼ିଶା

୧୦ । ସର୍ଦ୍ଦାର ତେଜା ସିଂହ
ଭୂତପୂର୍ବ ପ୍ରଧାନ ବିଚାରପତି
ପେପସୁ, ପାତିଆଲା — ପେପସୁ

୧୧ । ଶ୍ରୀ ସତ୍ୟନାରାୟଣ
ସଭ୍ୟ, ରାଜ୍ୟସଭା ମାନ୍ଦ୍ରାଜ — ମାନ୍ଦ୍ରାଜ

୧୨ । ଡକ୍ଟର ବାବୁ ରାମ ସାକ୍ସେନା
ଆଲ୍ଲାହାବାଦ ସଂସ୍କୃତଭାଷାବିଭାଗର
ଅଧ୍ୟକ୍ଷ — ଉତ୍ତର ପ୍ରଦେଶ

୧୩ । ଡକ୍ଟର ଆବିଦ ହୋସେନ
ଜାମିଆ ମିଲିଆ ଦିଲ୍ଲୀ — ଦିଲ୍ଲୀ

୧୪ । ଡକ୍ଟର ଅମର ନାଥ ଝା, ଚେୟାରମ୍ୟାନ
ପବ୍ଲିକ ସର୍ଭିସ କମିସନ, ପାଟନା — ବିହାର

୧୫ । ଡକ୍ଟର ଆର. ପି. ତ୍ରିପାଠୀ
ଭାଇସଚାନ୍ସେଲର, ସାଗର
ବିଶ୍ୱବିଦ୍ୟାଳୟ, ସାଗର — ମଧ୍ୟପ୍ରଦେଶ

୧୬ । ଶ୍ରୀ ବାଳକୃଷ୍ଣ ଶର୍ମା, ଏମ୍. ପି. ଦିଲ୍ଲୀ — ଦିଲ୍ଲୀ

୧୭ । ଶ୍ରୀ ମୌଳି ଚନ୍ଦ୍ର ଶର୍ମା, ଦିଲ୍ଲୀ — ଦିଲ୍ଲୀ

୧୮ । ଶ୍ରୀ ହଜାରି ପ୍ରସାଦ ଦ୍ୱିବେଦୀ
ହିନ୍ଦୀ ଭାଷା ବିଭାଗର ଅଧ୍ୟକ୍ଷ,
ହିନ୍ଦୁ ବିଶ୍ୱବିଦ୍ୟାଳୟ, କାଶୀ — ଉତ୍ତରପ୍ରଦେଶ

୧୯ । ଶ୍ରୀ ଜୟନାରାୟଣ ବ୍ୟାସ
ଜୟପୁର — ରାଜସ୍ଥାନ

୨୦ । ଶ୍ରୀ ଏମ୍. ଅନନ୍ତ ଶୟନମ ଆୟେଙ୍ଗାର
ଉପବାଚସ୍ପତି, ଲୋକସଭା ଦିଲ୍ଲୀ — ମାନ୍ଦ୍ରାଜ

ନିମ୍ନଲିଖିତ ବିଷୟରେ କମିସନ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବେ ।

(କ) ଭାରତୀୟ ସରକାରୀ ଭାଷାରୂପେ ହିନ୍ଦୀର କ୍ରମିକ ପ୍ରସାର ।

(ଖ) ଇଉନିୟନରେ ସରକାରୀ ଭାଷାରୂପେ ଇଂରେଜୀର ବ୍ୟବହାର ଉପରେ କଟକଣା।

(ଗ) ୩୪୮ ପ୍ରକରଣରେ ଉଲ୍ଲିଖିତ ସମସ୍ତ ବା କୌଣସି ଉଦ୍ଦେଶ୍ୟରେ କେଉଁ ଭାଷା ବ୍ୟବହୃତ ହେବ।

(ଘ) ଇଉନିୟନରେ କୌଣସି ବା କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ କ ପ୍ରକାର ସଂଖ୍ୟା ବ୍ୟବହୃତ ହେବ।

(ଙ) ହିନ୍ଦୀ କେବେ ଇଉନିୟନର ସରକାରୀ ଭାଷା ରୂପେ ଇଂରାଜୀର ସ୍ଥାନ ଅଧିକାର କରିବ।

ଇଉନିୟନ ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଓ ଭିନ୍ନ ଭିନ୍ନ ରାଜ୍ୟ ସରକାରଙ୍କ ମଧ୍ୟରେ ହିନ୍ଦୀରେ କେବେ ଭାବ ଆଦାନପ୍ରଦାନ ହୋଇ ପାରିବ।

ଏଥିପାଇଁ କମିସନ ସମସ୍ତର ଗୋଟିଏ ସୀମା ଧାର୍ଯ୍ୟ କରି ଦେବେ।

ପରାମର୍ଶ ଦେଲାବେଳେ କମିସନ ଭାରତର ଶିଳ୍ପ, କୃଷି ଓ ବିଜ୍ଞାନ ପ୍ରଗତି ପ୍ରତି ଦୃଷ୍ଟିଦେବେ ଏବଂ ଅହିନ୍ଦୀଭାଷୀ ଅଞ୍ଚଳର ନିବାସୀମାନଙ୍କ ସରକାରୀ ଚାକରୀ ସମ୍ପର୍କିତ ସ୍ୱାର୍ଥପ୍ରତି ଦୃଷ୍ଟିଦେବେ।

କମିସନ କେନ୍ଦ୍ର ସରକାର, ଭିନ୍ନ ରାଜ୍ୟସରକାର, ସୁପ୍ରିମକୋର୍ଟ, ହାଇକୋର୍ଟ, ବ୍ୟବସ୍ଥାପକସଭା, ଅନ୍ୟାନ୍ୟ କର୍ତ୍ତୃପକ୍ଷ, ଅନୁଷ୍ଠାନ ବା ବ୍ୟକ୍ତିମାନଙ୍କଠାରୁ ସାକ୍ଷ୍ୟ ନେଇପାରିବେ।

କମିସନଙ୍କୁ ୧୯୫୬ ଅପ୍ରେଲ ୩୦ ତାରିଖ ପୂର୍ବ ରିପୋର୍ଟ ଦେବାକୁ ହେବ।

# ମାସପଞ୍ଜୀ

( ୧୯୫୫ ଜୁନ ତା ୮ ରିଖଠାରୁ ୧୯୫୫ ଜୁଲାଇ ତା ୭ ରିଖ ପର୍ଯ୍ୟନ୍ତ ପ୍ରଧାନ ପ୍ରଧାନ ଖବର )

**୧୯୫୫ ଜୁନ ୮**

(କ) ମସ୍କୋରେ ରୁଷ ନେତାମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁଙ୍କ ଆଲୋଚନା।

(ଖ) ଆଗାମୀ ସାଧାରଣ ନିର୍ବାଚନ ପାଇଁ ଭାରତରେ କମ୍ୟୁନିଷ୍ଟ ପାର୍ଟିର ଆୟୋଜନ।

(ଗ) କଟକ ସହରର ଅର୍ଥନୈତିକ ଅନୁସନ୍ଧାନରେ ସହଯୋଗ କରିବା ପାଇଁ ଡକ୍ଟର ସଦାଶିବ ମିଶ୍ରଙ୍କ ଆବେଦନ।

**ଜୁନ ୯**

(କ) ଗୋଆ ଆନ୍ଦୋଳନ ସମ୍ପର୍କରେ ପଣ୍ଡିତ ନେହେରୁଙ୍କ ବକ୍ତୃତାରେ ପର୍ତ୍ତୁଗୀଜ ସରକାରଙ୍କ ଅଭିଯୋଗ।

(ଖ) ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ଶାସନଗତ ଓ ବୈଧାନିକ ଅସୁବିଧା ଦୂର କରାଯାଉ ବୋଲି କଲିକତାର ସାମ୍ବାଦିକ ସମ୍ମିଳନୀରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡକ୍ଟର ମହଲାନବିସ୍‌ଙ୍କ ମତ।

(ଗ) ଓଡ଼ିଶାରେ ସରପୋଡ଼ରେ ୮ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ବୋଲି ସମ୍ବାଦ।

**ଜୁନ ୧୦**

(କ) କ୍ରେମଲିନ୍‌ରେ ପଣ୍ଡିତ ନେହେରୁଙ୍କୁ ବିପୁଳ ଅଭ୍ୟର୍ଥନା।

(ଖ) ସୀମା କମିସନ୍ ଆସନ୍ତା ସେପ୍ଟେମ୍ବର ମାସ ପୂର୍ବରୁ ରିପୋର୍ଟ ଦେବେ ବୋଲି ସମ୍ବାଦ।

(ଗ) କଟକରେ ଗଣତନ୍ତ୍ର ପରିଷଦର ୪ର୍ଥ ବାର୍ଷିକ ଅଧିବେଶନ ।

ଜୁନ ୧୧

(କ) ମିଶର, ସାଉଦି-ଆରବ ଓ ସିରିଆ ମଧ୍ୟରେ ପ୍ରତିରକ୍ଷା ଚୁକ୍ତି ସମ୍ପର୍କରେ ଆଲୋଚନା ।

(ଖ) କ୍ଷୁଦ୍ର ଶିଳ୍ପକୁ ସାହାଯ୍ୟ କରିବା ପାଇଁ ଭାରତରେ ୪ଟି ଆଞ୍ଚଳିକ କେନ୍ଦ୍ର ସ୍ଥାପନ କରାଯିବ ।

(ଗ) ଓଡ଼ିଶାର କେତେକ ଜିଲ୍ଲାରେ ଚୋରା ମଦ କାରବାର ବଢ଼ିଲା ।

ଜୁନ ୧୨

(କ) ପାକିସ୍ତାନକୁ ସାମରିକ ସାହାଯ୍ୟ ଦେବାରେ ଆମେରିକା ସାମାନ୍ୟ ବିଳମ୍ବ କରୁଛି ବୋଲି ପ୍ରଧାନମନ୍ତ୍ରୀ ମିଷ୍ଟର୍ ମହମ୍ମଦ ଅଲ୍ଲୀଙ୍କର ସାମ୍ବାଦିକ ସମ୍ମିଳନୀରେ ଉକ୍ତି ।

(ଖ) ମଣିପୁର ଓ ଆସାମରେ ପ୍ରବଳ ବୃଷ୍ଟି ଓ ବନ୍ୟା ।

(ଗ) କଟକ ଷ୍ଟେସନଠାରେ ମେଲ୍ ଗାଡ଼ିରେ ୧୭ ଶହ ଟଙ୍କାର ଭାଙ୍ଗ ଅବକାରୀ ବିଭାଗ କର୍ମଚାରୀଙ୍କ ଦ୍ୱାରା ଜବତ ।

ଜୁନ ୧୩

(କ) ଗୋଆ ଭାରତର ଗୋଟିଏ ଜନପଦ ବୋଲି ଲଣ୍ଡନରେ ପ୍ରକାଶିତ 'ସଣ୍ଡେ ଟାଇମସ୍' ପତ୍ରିକାକୁ ଭାରତୀୟ ହାଇ କମିସନରଙ୍କ ଲୋକସମ୍ପର୍କ ଅଫିସର୍ ଶ୍ରୀ ଏସ୍. କେ. ଶାସ୍ତ୍ରୀଙ୍କ ଉତ୍ତର ।

(ଖ) ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁଙ୍କ ରୁଷିଆ ଭ୍ରମଣ ଛବି ସିନେମାରେ ତା ୨୭ । ୬ । ୫୫ ଠାରୁ ଭାରତରେ ପ୍ରଦର୍ଶିତ ହେବ ବୋଲି ସମ୍ବାଦ ।

(ଗ) ପୁରୀ ରଥଯାତ୍ରା ପାଇଁ ଅଧିକା ବସ୍ ବ୍ୟବସ୍ଥା କରାଯିବ ବୋଲି ସରକାରୀ ଇସ୍ତାହାର ।

ଜୁନ ୧୪

(କ) ମିଷ୍ଟର ଅମୀର ଉଦ୍ଦିନ୍ ଅହମ୍ମଦ୍ ପୂର୍ବ ବଙ୍ଗର ଲାଟ ନିଯୁକ୍ତ ହେଲେ ।

(ଖ) ଗୋଆ ଅଭିଯାନ ପାଇଁ ବ୍ୟାପକ ଆୟୋଜନ ।

(ଗ) ଉତ୍ତର ସର୍କଲ ମାଇନର୍ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଲା ।

ଜୁନ ୧୫

(କ) ଉଦ୍‌ବେକିସ୍ଥାନରେ ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁଙ୍କ ସମ୍ବର୍ଦ୍ଧନା ।

(ଖ) ଚାଷୀଙ୍କୁ ଜମିର ମାଲିକାନା ଦେବାପାଇଁ ବମ୍ବେରେ ନୂଆ ଆଇନ ବିଲ୍ କରାଯିବ ବୋଲି ସମ୍ବାଦ ।

(ଗ) କଟକରେ 'ମିଲ୍ଲତ୍-ଏ-ଇସଲାମ୍'ର ବୈଠକ ।

ଜୁନ ୧୬

(କ) ପଣ୍ଡିତ ନେହେରୁଙ୍କ ଦକ୍ଷିଣ-ରୁଷିଆ ଯାତ୍ରା ଆରମ୍ଭ ।

(ଖ) କାଶ୍ମୀରରେ ଶୋଚନୀୟ ବିମାନ ଦୁର୍ଘଟଣା ଫଳରେ ୨ ଜଣ ଅଫିସର୍ ନିହତ ଓ ୪ ଜଣ ଆହତ ।

(ଗ) ହିନ୍ଦୁସ୍ଥାନ ଷ୍ଟିଲ କମ୍ପାନୀର ଅଫିସ କଲିକତାରୁ ରାଉରକେଲା ଉଠିଯିବ ବୋଲି ସମ୍ବାଦ ।

ଜୁନ ୧୭

(କ) ଦକ୍ଷିଣ ଆମେରିକାର ଆର୍ଜେଣ୍ଟିନା ରାଜ୍ୟରେ ପ୍ରେସିଡେଣ୍ଟଙ୍କ ବିରୁଦ୍ଧରେ ସାମରିକ ବିଦ୍ରୋହ ।

(ଖ) ଆଗାମୀ ସାଧାରଣ ନିର୍ବାଚନ ୧୯୫୭ ଜାନୁଆରୀ ମାସରେ କରାଇବା ପାଇଁ ନିର୍ବାଚନ କମିସନରଙ୍କ ସୁପାରିଶ ।

(ଗ) କଟକକୁ ବିଶ୍ୱ ପଦଯାତ୍ରୀ ଶ୍ରୀ ଲଳିତ କୁମାର ମୁଖାର୍ଜୀଙ୍କ ଆଗମନ ।

ଜୁନ ୧୮

(କ) ଚୀନରେ ସଶସ୍ତ୍ର ବିପ୍ଳବ ଅଭିଯୋଗରେ ବହୁ ଲୋକଙ୍କୁ ଫାଶୀଦଣ୍ଡ ।

(ଖ) ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଚୂଡ଼ାନ୍ତ ଖସଡ଼ା ୧୯୫୬ ମାର୍ଚ୍ଚ ମାସରେ ସାଧାରଣରେ ପ୍ରକାଶ ପାଇବ ।

(ଗ) ଉତ୍କଳରୁ ଗୋଆମୁକ୍ତି ପାଇଁ ସତ୍ୟାଗ୍ରହୀ ଦଳ ବାହାରିଲେ ।

ଜୁନ ୧୯

(କ) ସୀମାନ୍ତ ଗଣ୍ଡଗୋଳ ପାଇଁ ପାକିସ୍ଥାନ ସରକାରଙ୍କଠାରୁ ଭାରତ ସରକାରଙ୍କ ୧୬ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି ।

(ଖ) ବ୍ରହ୍ମପୁତ୍ର ନଦୀରେ ପ୍ରବଳ ବନ୍ୟାଫଳରେ ହଜାର ହଜାର ଘର ଭାସିଗଲା ।

(ଗ) ତୋରସ୍ପୃଷ୍ଟ ଜଳରେ ଶହେରୁ ଅଧିକ ଗ୍ରାମ ଜଳ ନିମଗ୍ନ ହୋଇଥିବା ସମ୍ବାଦ ।

ଜୁନ ୨୦

(କ) ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧରେ କୋମା ଅଭ୍ୟାରଣ ସପ୍ତାହ ।

(ଖ) ଗୋଆ ସତ୍ୟାଗ୍ରହୀ ନେତା ଶ୍ରୀ କି. ଜି. ଦେଶପାଣ୍ଡେ ଜେଲରୁ ଖଲାସ ।

(ଗ) ପୁରୀରେ ଉତ୍କଳ ଉଦ୍ୟୋଗ ପ୍ରଦର୍ଶନୀ ।

ଜୁନ ୨୧

(କ) ରୁଷିଆର ପ୍ରଧାନମନ୍ତ୍ରୀ ମାର୍ଶାଲ ବୁଲଗାନିନ୍ ଭାରତ ପରିଦର୍ଶନରେ ଆସିବେ ବୋଲି ସମ୍ବାଦ ।

(ଖ) ଗୋଆରେ ହିନ୍ଦୁଙ୍କ ଶୋଭାଯାତ୍ରା ଉପରେ ଉତ୍ପାତ ।

(ଗ) ପୁରୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ।

ଜୁନ ୨୨

(କ) ଶ୍ରୀ ନେହେରୁଙ୍କର ରୁଷିଆର ଆଣବିକ କାରଖାନା ପରିଦର୍ଶନ ।

(ଖ) ଭାରତରେ ଇଂରାଜୀ ଓଜନ ପ୍ରଣାଳୀ ପ୍ରବର୍ତ୍ତନ ପାଇଁ ସୁପାରିଶ କରିବା ସକାଶେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ବିଭାଗର ଉପମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ କାନୁନଗୋଙ୍କ ସଭାପତିତ୍ୱରେ ଷ୍ଟାଣ୍ଡିଂ କମିଟି ଉଦଘାଟନ ।

(ଗ) ଭୁବନେଶ୍ୱରକୁ କେନ୍ଦ୍ର ପାର୍ଲାମେଣ୍ଟ ବିଭାଗ ମନ୍ତ୍ରୀ ଶ୍ରୀ ସତ୍ୟନାରାୟଣ ସିଂହଙ୍କ ଆଗମନ ।

ଜୁନ ୨୩

(କ) ଶ୍ରୀ ନେହେରୁଙ୍କର ମସ୍କୋଠାରୁ ପୋଲାଣ୍ଡର ରାଜଧାନୀ ୱାରସ ଅଭିମୁଖେ ଯାତ୍ରା ।

(ଖ) ଦାର୍ଜିଲିଂ ଚା ବଗିଚା ଶ୍ରମିକମାନଙ୍କର ଧର୍ମଘଟ ।

(ଗ) ଉତ୍କଳର ସତ୍ୟାଗ୍ରହୀମାନଙ୍କର ବେଲଗାଁଓରେ ପ୍ରବେଶ ।

ଜୁନ ୨୪

(କ) ପଞ୍ଚଶୀଳା ସମ୍ପର୍କୀୟ ନେହେରୁ-ବୁଲଗାନିନ୍ ଘୋଷଣାକୁ ପାକିସ୍ଥାନର ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ ।

(ଖ) ପ୍ରଜା-ସମାଜବାଦୀ ଦଳରେ ସଂଶୋଧନ ନ ହେଲେ ନୂଆ ଦଳ ଗଢ଼ିବା ପାଇଁ ଡକ୍ଟର ରାମମନୋହର ଲୋହିଆଙ୍କ ଘୋଷଣା ।

(ଗ) କେନ୍ଦ୍ର ପାର୍ଲିଆମେଣ୍ଟ ବିଭାଗ ମନ୍ତ୍ରୀ ଶ୍ରୀ ସତ୍ୟନାରାୟଣ ସିଂହଙ୍କ ଦିଲ୍ଲୀ ପ୍ରସ୍ଥାନ ।

ଜୁନ ୨୫

(କ) ସ୍ନାୟୁ ଯୁଦ୍ଧର ଅବସାନ ଘଟାଇବା ପାଇଁ ଶ୍ରୀ ଜନ୍ ଫଷ୍ଟର ଡାଲେସ୍‌ଙ୍କର ଜାତିସଂଘର ଦଶମ ବାର୍ଷିକ ଉତ୍ସବରେ ଆବେଦନ ।

(ଖ) ଉତ୍କଳରେ ନୂଆ ରେଳପଥ ପାଇଁ ମାପଚୁପ ହେବ ବୋଲି ସମ୍ବାଦ ।

(ଗ) କଂଗ୍ରେସ ସଭ୍ୟ ସଂଗ୍ରହ ସମୟ ୧୯୫୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି ବୋଲି ନିଖିଳ ଭାରତ କଂଗ୍ରେସ କମିଟିର ସଭାପତିଙ୍କ ଇସ୍ତାହାର ।

ଜୁନ ୨୬

(କ) ପାକିସ୍ଥାନର ପ୍ରଥମ ପ୍ରଧାନମନ୍ତ୍ରୀ ମିଷ୍ଟର ଲିଆକତ୍ ଅଲ୍ଲୀଙ୍କ ହତ୍ୟାର ତଦନ୍ତ ରିପୋର୍ଟ ପ୍ରକାଶ ପାଇଲା ।

(ଙ) ପର୍ତ୍ତୁଗୀଜ୍ ପୁଲିସ୍‌ଙ୍କ ମାଡ଼ରେ ସାଂଘାତିକ ଆହତ ଶ୍ରୀ ଅମୀରଚନ୍ଦଙ୍କର ମୃତ୍ୟୁ ।

(ଚ) କଟକ ନାଗ୍ରୀସେବା ସଦନରେ ଅର୍ଥମନ୍ତ୍ରୀ ଶ୍ରୀ ରାଧାନାଥ ରଥଙ୍କ ଦ୍ୱାରା "ଓଡ଼ିଶା ଫାଇନାନ୍ସ ସର୍ଭିସ୍ ଅସୋସିଏସନ"ର ବାର୍ଷିକ ଅଧିବେଶନ ଉଦ୍‌ଘାଟନ ।

ଜୁନ ୨୭

(କ) ପଞ୍ଚଶୀଳାର ସମର୍ଥନ କରି ନେହେରୁ ସୋଭିଏଟ ପ୍ରଧାନମନ୍ତ୍ରୀଙ୍କର ମିଳିତ ଘୋଷଣା ।

(ଖ) ଗୋଆରେ ଭାରତୀୟ ସତ୍ୟାଗ୍ରହୀଙ୍କ ଉପରେ ଗୁଳି ଫାଏର ।

(ଗ) ଉତ୍କଳ ବିଶ୍ୱବିଦ୍ୟାଳୟର ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ ।

ଜୁନ ୨୮

(କ) ପ୍ରଧାନ ମନ୍ତ୍ରୀ ଶ୍ରୀ ନେହେରୁଙ୍କର ଅଷ୍ଟ୍ରିଆ ପରିଦର୍ଶନ ।

(ଖ) ପର୍ତ୍ତୁଗୀଜ ପୁଲିସଙ୍କ ମାଡ଼ରେ ଗୋଆରେ ଆଉ ଜଣେ ଭାରତୀୟ ସତ୍ୟାଗ୍ରହୀଙ୍କ ମୃତ୍ୟୁ ।

(ଗ) କଟକ ଜିଲ୍ଲାରେ ଭାଗଚାଷୀଙ୍କୁ ଉଚ୍ଛେଦ କରିବାପାଇଁ ଦେଢ଼ ହଜାର ଦରଖାସ୍ତ ଦାଖଲ ହୋଇଛି ବୋଲି ସମ୍ବାଦ ।

ଜୁନ ୨୯

(କ) ଯୁଗୋସ୍ଲାଭିଆରେ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁଙ୍କୁ ବିପୁଳ ଅଭ୍ୟର୍ଥନା ।

(ଖ) କାଶ୍ମୀର ଭାଗ ଭାଗ କରିବାକୁ ପାକିସ୍ଥାନ ଚାହେ ନାହିଁ ବୋଲି ଜଣେ ପାକିସ୍ଥାନୀ ସରକାରୀ ମୁଖପାତ୍ରଙ୍କ ବିବୃତି ।

(ଗ) ଗୋଆରେ ଓଡ଼ିଶା ସତ୍ୟାଗ୍ରହୀଙ୍କ ଉପରେ ଭୀଷଣ ମାଡ଼ ।

ଜୁନ ୩୦

(କ) ଯୁଗୋସ୍ଲାଭିଆର ରାଜଧାନୀ ବେଲ୍‌ଗ୍ରେଡ଼ରେ ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁଙ୍କ ସମ୍ବର୍ଦ୍ଧନା ।

(ଛ) ପ୍ରଥମ ପଞ୍ଚବାର୍ଷିକ ଯୋଜନାର ସଫଳତା ପୃଥିବୀ ଇତିହାସରେ ଅଦ୍ୱିତୀୟ ବୋଲି ବମ୍ବେରେ ଭାରତର ଅର୍ଥମନ୍ତ୍ରୀ ଶ୍ରୀ ଦେଶମୁଖଙ୍କ ଭାଷଣ ।

(ଜ) ବର୍ଷା ହେବାଫଳରେ ସମ୍ବଲପୁରଠାରେ ମହାନଦୀରେ ପ୍ରଥମ ବଢ଼ିପାଣି ।

୧୯୫୫ ଜୁଲାଇ ୧

(କ) ତୁର୍କ-ଇରାକ ଚୁକ୍ତିରେ ପାକିସ୍ଥାନ ଯୋଗ ଦେବ ବୋଲି ପାକିସ୍ଥାନ ପ୍ରଧାନମନ୍ତ୍ରୀଙ୍କ ବେତାର ଭାଷଣ ।

(ଖ) ଭାରତରେ ଷ୍ଟେଟ୍ ବ୍ୟାଙ୍କ୍ କାର୍ଯ୍ୟକାରୀ ହେଲା ।

(ଗ) ଓଡ଼ିଶା ଜଣାନବାରଣ ଆଇନ ସଂଶୋଧିତ ହେଉଥିବା ସମ୍ପର୍କରେ ସମ୍ବାଦ ।

ଜୁଲାଇ ୨

(କ) ଯୁଗୋସ୍ଲାଭିଆ ପାର୍ଲିମେଣ୍ଟରେ ପ୍ରଧାନ ମନ୍ତ୍ରୀ ଶ୍ରୀ ନେହେରୁଙ୍କ ଭାଷଣ ।

(ଖ) ଭାରତ ଆଉ ଆଦର୍ଶ ଦେଖାଇ ପୃଥିବୀକୁ ଅନୁପ୍ରାଣିତ କରି ପାରିବ ବୋଲି ହାଇଦ୍ରାବାଦରେ ସେବକା ତାଲିମ କେନ୍ଦ୍ର ଉଦ୍‌ଘାଟନ କରି ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଭାଷଣ ।

(ଗ) ଗୋଆକୁ ଓଡ଼ିଶାରୁ ଯାଇଥିବା ସତ୍ୟାଗ୍ରହୀମାନଙ୍କର କଟକ ପ୍ରତ୍ୟାବର୍ତ୍ତନ ।

ଜୁଲାଇ ୩

(କ) ଯୁଗୋସ୍ଲାଭିଆରେ ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁ ଯୁଗୋସ୍ଲାଭ ପ୍ରେସିଡେଣ୍ଟ୍ ମାର୍ଶାଲ ଟିଟୋ ଓ ତାଙ୍କ ପତ୍ନୀଙ୍କୁ ଅଭ୍ୟର୍ଥନା କଲେ ।

(ଖ) ଆସନ୍ତା ୨୦ ବର୍ଷ ମଧ୍ୟରେ ଭାରତରେ ଆଉ ୧୦ଟି ଲୁହା କାରଖାନା ସ୍ଥାପନ ସମ୍ଭବ ବୋଲି ସମ୍ବାଦ ।

(ଗ) କଟକରେ ପୁଲିସ—ସନ୍‌ସାଇନ ଫୁଟବଲ୍ ଖେଳରେ ପୁଲିସ୍ ସନ୍‌ସାଇନକୁ ୧-୦ ଗୋଲ୍‌ରେ ପରାସ୍ତ କଲା ।

ଜୁଲାଇ ୪

(କ) ପାକିସ୍ତାନ ଅଧିକୃତ କାଶ୍ମୀର ଅଞ୍ଚଳର ଅବସ୍ଥା ଗୁରୁତର ବୋଲି ସମ୍ବାଦ ।

(ଖ) ରାଜସ୍ଥାନର ରାଜପ୍ରମୁଖ ଉଦୟପୁରର ମହାରାଣା ଭୂପାଳ ସିଂହଙ୍କର ପରଲୋକ ।

(ଗ) ଗ୍ରୀଷ୍ମଛୁଟି ପରେ ଓଡ଼ିଶା ହାଇକୋର୍ଟ ଖୋଲିଲା ।

ଜୁଲାଇ ୫

(କ) ରୁଷିଆ ପୂର୍ଣ୍ଣ ଶକ୍ତିରେ ଜେନେଭା ସମ୍ମିଳନୀରେ ଯୋଗ ଦେଉଛି ବୋଲି ସୋଭିଏଟ୍ କମ୍ୟୁନିଷ୍ଟ ଦଳର ସେକ୍ରେଟେରୀ ଶ୍ରୀ କ୍ରୁଶ୍ଚେଭଙ୍କ ଘୋଷଣା ।

(ଖ) କଂଗ୍ରେସ ଗୋଆ ଆନ୍ଦୋଳନର ଦାୟିତ୍ୱ ନେବା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ବୋଲି କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଢେବରଙ୍କ ଉକ୍ତି ।

(ଗ) କଟକ ଓ ବାଲେଶ୍ୱରଠାରେ ୨୦୦ ଲାଇନ ଟେଲିଫୋନ୍ ଚାଲୁ ହେଲା ।

ଜୁଲାଇ ୬

(କ) ଚେକୋସ୍ଲୋଭାକିଆ ସରକାରଙ୍କ ତରଫରୁ ପଣ୍ଡିତ ନେହେରୁଙ୍କୁ ଗୋଟିଏ ବିମାନ ଉପହାର ।

(ଖ) ହାଇଦରାବାଦର ଆଦିବାସୀମାନଙ୍କ ଭିତରେ ୨ ହଜାର ଏକର ଜମି ବଣ୍ଟନ ।

(ଗ) ୨୨ ଟି ପୂର୍ବବଙ୍ଗ ଆଶ୍ରୟପ୍ରାର୍ଥୀ ପରିବାର କଟକରେ ପହଞ୍ଚିଲେ ।

ଜୁଲାଇ ୭

(କ) ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁ ରୋମଠାରେ ପହଞ୍ଚିଲେ ।


(ଖ) ଭାରତର ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଶିକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ବିପୁଳ ଅର୍ଥ ବ୍ୟବସ୍ଥା ।

(ଗ) ଓଡ଼ିଶା ଆସେମ୍ବ୍ଲିର ଆଗାମୀ ଅଧିବେଶନରେ ଜୁଆଖେଳ ନିରୋଧ ପାଇଁ ବ୍ୟବସ୍ଥା ହେବ ବୋଲି ସମ୍ବାଦ ।

# ଉତ୍କଳ ଉଦ୍ୟୋଗ ପ୍ରଦର୍ଶନୀ, ପୁରୀ



ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରଦର୍ଶିତ କଳାକୁଞ୍ଜ ମଣ୍ଡପରେ
ଉପମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ



ପ୍ରଦର୍ଶନୀ ମଣ୍ଡପରେ କଳାକୁଞ୍ଜର ଗୋଟିଏ ଦୃଶ୍ୟ




କଳାକୁଞ୍ଜର ଅନ୍ୟ ଗୋଟିଏ ଦୃଶ୍ୟ

# ପଞ୍ଚଶୀଳ

ଦ୍ୱିତୀୟ ମହାଯୁଦ୍ଧର ହତ୍ୟା ଓ ଧ୍ୱଂସଫଳରେ ପୃଥିବୀର ପ୍ରତ୍ୟେକ ଦେଶର ଜନସାଧାରଣଙ୍କ ମନରେ ଯୁଦ୍ଧ ପ୍ରତି ବିତୃଷ୍ଣା ଜାତ ହୋଇଥିଲା । ଏଥିରେ ସ୍ପଷ୍ଟ ପ୍ରମାଣିତ ହୋଇଥିଲା ଯେ ଯୁଦ୍ଧଦ୍ୱାରା କୌଣସି ସମସ୍ୟାର ସମାଧାନ ହୋଇପାରେ ନାହିଁ । କେବଳ ସେତିକି ନୁହେଁ, ଯୁଦ୍ଧଫଳରେ ଏପରି ଅନେକ ସମସ୍ୟା ଜାତ ହୋଇଥାଏ, ଯାହା ବହୁକାଳ ଧରି ପୃଥିବୀର ଅର୍ଥନୈତିକ, ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ସର୍ବୋପରି ନୈତିକ କ୍ଷେତ୍ରରେ ମହା ବିପର୍ଯ୍ୟୟ ସୃଷ୍ଟି କରିଥାଏ ।

ଦ୍ୱିତୀୟ ମହାଯୁଦ୍ଧ ସମୟରେ ପ୍ରଥମ ଥର ଜାପାନର ହିରୋସିମା ଓ ନାଗାସାକି ନାମକ ଦୁଇଟି ଜନାକୀର୍ଣ୍ଣ ନଗର ଉପରେ ଆଣବିକ ବୋମା ନିକ୍ଷେପ କରାଯାଇଥିଲା । ଏହି ଫଳରେ ସେଠାରେ ଯେଉଁ ମୃତ୍ୟୁ ଓ ଧ୍ୱଂସର ବିଭୀଷିକା ଖେଳି ଯାଇଥିଲା, ତାହା ଫଳରେ ପୃଥିବୀର ପ୍ରତ୍ୟେକ ସଭ୍ୟଦେଶରେ ଆତଙ୍କ ଖେଳି ଯାଇଥିଲା । ପରମାଣୁ ବୋମାର ବିସ୍ଫୋରଣ ହେବାର ଅନେକ ଦିନ ପର୍ଯ୍ୟନ୍ତ ତାର ପ୍ରଭାବ ଜୀବ ଓ ଉଦ୍ଭିଦ ଜଗତ, ଜଳ, ବାୟୁ ଓ ଆକାଶ ସବୁ କ୍ଷେତ୍ରରେ ଅତି ଅଦ୍ଭୁତଭାବେ ଉପଲବ୍ଧି କରାଯାଇଥିଲା । ପରମାଣୁ ବୋମା ବିସ୍ଫୋରଣରୁ ଜାତ ହୋଇଥିବା ଶକ୍ତି ବହୁକାଳ ଜୀବନ୍ତ ରହି ସ୍ପର୍ଶ କରୁଥିବା ଜୀବ ମାତ୍ରର ଜୀବନୀଶକ୍ତିକୁ ଶୋଷଣ କରି ପକାଉଥିଲା । ଯୁଦ୍ଧ ପରେ ବିଜୟୀ ଶକ୍ତି ଦୁଇ ଦଳରେ ବିଭକ୍ତ ହୋଇଗଲେ । ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଲାଗିଗଲା । ଉଭୟ ପକ୍ଷ ତୃତୀୟ ମହାଯୁଦ୍ଧ ପାଇଁ ପ୍ରସ୍ତୁତ ହେବାରେ ଅତ୍ୟଧିକ ସମ୍ପଦ ବ୍ୟୟ କଲେ । ତାହା ଫଳରେ ପରମାଣୁ ଅସ୍ତ୍ରର ମାରଣ ଶକ୍ତିରେ ଶତଗୁଣ ଉନ୍ନତି ଘଟିବା ସଙ୍ଗେ ଉଦ୍‌ଜାନ ବୋମା ଆବିଷ୍କୃତ ହେଲା । ଏହା ପରମାଣୁ ବୋମାଠାରୁ ସହସ୍ର ଗୁଣ ମାରାତ୍ମକ । ଏହାର ପ୍ରଭାବ ପୃଥିବୀ ଉପରେ କି ଆକାର ଧାରଣ କରିବ, ଏହାର ଧ୍ୱଂସକାରୀ ଶକ୍ତିର ପରିସର କେତେ, ତାହା ଏ ପର୍ଯ୍ୟନ୍ତ ବୈଜ୍ଞାନିକମାନେ ସ୍ଥିର କରି ପାରି ନାହାନ୍ତି । ଆମେରିକାପକ୍ଷରୁ ଏ ଅସ୍ତ୍ରର ଯେଉଁ ପ୍ରଥମ ପରୀକ୍ଷା ହୋଇଥିଲା, ସେଥିରୁ ଏପରି ପ୍ରମାଣିତ ହୋଇଛି ଯେ ଆଉ ଗୋଟାଏ ମହାଯୁଦ୍ଧ ଲାଗି ଉଭୟ ପକ୍ଷରୁ ଆଣବିକ ଓ ଉଦ୍‌ଜାନ ଅସ୍ତ୍ର ବ୍ୟବହୃତ ହେଲେ ସମୁଦାୟ ମାନବ ସମାଜ ଧ୍ୱଂସ ପାଇଯିବ ।

ସ୍ୱାଧୀନତା ଲାଭ ପରେ ଭାରତ ଶାନ୍ତିମାର୍ଗ ଅବଲମ୍ବନ କରି ଗତି କରୁଛି । ପୃଥିବୀରେ ଆମେରିକା ଓ ସୋଭିଏଟ ରୁଷିଆର ନେତୃତ୍ୱରେ ଯେଉଁ ଦୁଇଟି ଶକ୍ତିପୁଞ୍ଜ ରହିଛି, ଏ ଦେଶ ସେମାନଙ୍କ ପ୍ରତିଦ୍ୱନ୍ଦିତା ବାହାରୁ ଅଲଗା ରହି ପୃଥିବୀର ନାନା ଅଞ୍ଚଳରେ ଲାଗିଥିବା ନାନା ବିବାଦର ସମାଧାନ କରିବାରେ ସାହାଯ୍ୟ କରୁଛି । ଭାରତର ଉଦ୍ୟମରେ କୋରିଆ ଓ ଇନ୍ଦୋ-ଚୀନ ଯୁଦ୍ଧ ବନ୍ଦ ହୋଇଛି । ବିଭିନ୍ନ ଦେଶର ଜନସାଧାରଣ ଭାରତର ଶାନ୍ତି ପ୍ରଚେଷ୍ଟାକୁ ଆନ୍ତରିକ ସମର୍ଥନ କରୁଛନ୍ତି । ଯୁଦ୍ଧର ଘନଘଟାପୂର୍ଣ୍ଣ ବିଶ୍ୱରେ ଭାରତ ଶାନ୍ତିର ବାଣୀ ଶୁଣାଉଛି ।

ପୃଥିବୀର ବର୍ତ୍ତମାନ ପରିସ୍ଥିତି ଏପରି ଯେ, ଯେ କୌଣସି ଦେଶରେ ଯୁଦ୍ଧ ଆରମ୍ଭ ହୋଇଗଲେ

ତାହା ବ୍ୟୁତ୍ପନ୍ନ ମହାଯୁଦ୍ଧରେ ପରିଣତ ହେବ । ଏ ତାହା ବ୍ୟୁତ୍ପନ୍ନ ମହାଯୁଦ୍ଧରେ ପରିଣତ ହେବ । ଏ ଯୁଦ୍ଧର ଭୟଙ୍କରତା ମଧ୍ୟ ପୂର୍ବବର୍ତ୍ତୀ ଯୁଦ୍ଧମାନଙ୍କଠାରୁ ଅଧିକ ହେବା ସ୍ୱାଭାବିକ । ତେଣୁ ଅସ୍ତ୍ରଶସ୍ତ୍ର ଓ ପରମାଣୁ ଯୁଦ୍ଧରେ ଜୟଯୁକ୍ତ କରିବାପାଇଁ ଉଭୟ ପକ୍ଷ ପରମାଣୁ ଓ ଉଦ୍‌ଜାନ ଅସ୍ତ୍ର ବ୍ୟବହାର କରିବେ । ଏହା ଫଳରେ ସେ ଯୁଦ୍ଧରତ ଉଭୟ ପକ୍ଷ ଧ୍ୱଂସ ପାଇଯିବେ କେବଳ ନୁହେଁ; ଏ ସବୁ ଅସ୍ତ୍ର ବ୍ୟବହାର ଫଳରେ ନିରପେକ୍ଷ ଦେଶର ନରନାରୀମାନେ ମଧ୍ୟ ମୃତ୍ୟୁମୁଖରେ ପତିତ ହେବେ ।

ଦୁଇ ଶକ୍ତିଗୋଷ୍ଠୀ ମଧ୍ୟରେ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି, ଏହାର ମୂଳ କାରଣ ପରସ୍ପରର ପରସ୍ପର ପ୍ରତି ଭୟ ଓ ଅବିଶ୍ୱାସ । ଏହା ଦୂରୀଭୂତ ହୋଇ ପାରିଲେ ପୃଥିବୀରେ ଯୁଦ୍ଧର ସ୍ଥାୟୀ ସମ୍ଭାବନା ଘଟିବନାହିଁ, ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇ ପାରିବ । ଏପରି ଅନୁକୂଳ ବାତାବରଣ ଭିତରେ ସମଭାବ ଓ ସହାନୁଭୂତିପୂର୍ଣ୍ଣ ଦୃଷ୍ଟିରେ ବିଚାର କଲେ ବିଭିନ୍ନ ଦେଶ ମଧ୍ୟରେ ଜାତ ହୋଇଥିବା ସମସ୍ତ ସମସ୍ୟା ଆପୋଷ ଆଲୋଚନା ଦ୍ୱାରା ସମାଧାନ ହୋଇ ପାରିବ । ଏହି ମୂଳ ତତ୍ତ୍ୱ ଉପରେ 'ପଞ୍ଚଶୀଳା ନୀତି' ପ୍ରତିଷ୍ଠିତ ।

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁ ଗତ ଅକ୍‌ଟୋବର ମାସରେ ଚୀନ ପରିଦର୍ଶନ କରିଥିଲେ । ତତ୍ପୂର୍ବରୁ ଚୀନର ପ୍ରଧାନମନ୍ତ୍ରୀ ଚାଉ-ଏନ-ଲାଇ ଭାରତକୁ ଆସିଥିଲେ । ଉଭୟଙ୍କ ମଧ୍ୟରେ ଆଲୋଚନା ଫଳରେ ଯେଉଁ ମିଳିତ ଘୋଷଣା ପ୍ରକାଶ ପାଇଥିଲା, ସେଥିରେ ପଞ୍ଚଶୀଳା ନୀତି ସର୍ବପ୍ରଥମେ ଆନ୍ତର୍ଜାତିକ ରାଜନୀତିରେ ସ୍ଥାନ ଲାଭ କରିଥିଲା । ତତ୍ପରେ ଚୀନ ଓ ଭାରତ ମଧ୍ୟରେ ପାରସ୍ପରିକ ବାଣିଜ୍ୟ ଥିବା ଯେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ସେଥିରେ ଏହା ରୂପ ପରିଗ୍ରହ କରିଥିଲା । ପଞ୍ଚଶୀଳା ନୀତିର ମୋଟାମୋଟି ତାତ୍ପର୍ଯ୍ୟ ଏଠାରେ ଉଲ୍ଲେଖ କରାଗଲା ।

## ପଞ୍ଚଶୀଳା ନୀତି

୧ । ପରସ୍ପରର ରାଷ୍ଟ୍ରୀୟ ଅଖଣ୍ଡତା ଓ ସାର୍ବଭୌମ ଅଧିକାର ପ୍ରତି ସମ୍ମାନ ପ୍ରଦର୍ଶନ :—ଏହି ନୀତି ଅନୁସାରେ ଏ ଚୁକ୍ତିରେ ଆବଦ୍ଧ ହୋଇଥିବା ରାଷ୍ଟ୍ରମାନେ କେହି କାହାରି ରାଜ୍ୟ ପ୍ରତି ଅଣ୍ଟ ଅଡ଼ିବା ଭଳି କାର୍ଯ୍ୟ କରିବେ ନାହିଁ ଓ ପ୍ରତ୍ୟେକ ପ୍ରତ୍ୟେକଙ୍କ ସାର୍ବଭୌମତ୍ୱ ପ୍ରତି ସମ୍ମାନ ପ୍ରଦର୍ଶନ କରିବେ । କେହି କାହାର ଅଧୀନତା ସ୍ୱୀକାର କରିବେ ନାହିଁ, ପରସ୍ପର ବନ୍ଧୁଭାବରେ ସାହାଯ୍ୟ ଓ ସହଯୋଗମୂଳକ ମନୋବୃତ୍ତି ନେଇ ଚଳିବେ ।

୨ । ଅନାକ୍ରମଣ :—ଏ ନୀତିକୁ ଗ୍ରହଣ କରୁଥିବା ରାଷ୍ଟ୍ରମାନେ କେହି କାହାର ଉପରେ ଆକ୍ରମଣ କରି ପାରିବେ ନାହିଁ ।

୩ । ପରସ୍ପରର ଆଭ୍ୟନ୍ତରୀଣ ବ୍ୟାପାରରେ ରାଜନୈତିକ, ଆର୍ଥନୀତିକ ଅଥବା ଆଦର୍ଶଗତ ଦୃଷ୍ଟିରୁ ହସ୍ତକ୍ଷେପ ନ କରିବା ପଞ୍ଚଶୀଳାର ତୃତୀୟ ସର୍ତ୍ତ । ଏ ସର୍ତ୍ତ ଅନୁଯାୟୀ ପ୍ରତ୍ୟେକ ରାଷ୍ଟ୍ର ନିଜର ସ୍ୱତନ୍ତ୍ରତା ଦୃଷ୍ଟିରୁ ନିଜ ଦେଶର ନୀତି ନିୟନ୍ତ୍ରଣ କରିବେ । ଏ କାର୍ଯ୍ୟରେ କୌଣସି ବାହାର ଶକ୍ତିର ହସ୍ତକ୍ଷେପ ବରଦାସ୍ତ କରାଯିବ ନାହିଁ ।

୪ । ସମଭାବାପନ୍ନତା ଓ ପରସ୍ପରର ହିତସାଧନ ଚତୁର୍ଥ ସର୍ତ୍ତ । ଏହି ଅନୁସାରେ ପ୍ରତ୍ୟେକ ରାଷ୍ଟ୍ର ପ୍ରତ୍ୟେକଙ୍କ ପ୍ରତି ସମାନ ବ୍ୟବହାର କରିବେ ଓ ପରସ୍ପରଠାରୁ ଅନୁରୂପ ବ୍ୟବହାର ମଧ୍ୟ ପାଇ ପାରିବେ । ଯାହା କଲେ ସମସ୍ତେ ସୁଖଶାନ୍ତିରେ ରହି ପାରିବେ, ସବୁ ରାଷ୍ଟ୍ରଗୁଡ଼ିକ ମିଶି ତହିଁର ବ୍ୟବସ୍ଥା କରିବେ ।

୫ । ଶାନ୍ତିପୂର୍ଣ୍ଣ ସହ ଅବସ୍ଥାନ :—ପ୍ରତ୍ୟେକ ରାଷ୍ଟ୍ରର ରାଜନୈତିକ, ଆର୍ଥନୀତିକ, ସାମାଜିକ ତଥା ସାଂସ୍କୃତିକ କ୍ଷେତ୍ରରେ କିଛି ନା କିଛି ସ୍ୱତନ୍ତ୍ରତା ଓ ବୈଶିଷ୍ଟ୍ୟ ରହିବା ଅବଶ୍ୟମ୍ଭାବୀ । ପଞ୍ଚଶୀଳାର ଏହି ଶେଷ ସର୍ତ୍ତ ଅନୁସାରେ ପ୍ରତ୍ୟେକ ରାଷ୍ଟ୍ର ନିଜନିଜ

ଆଦର୍ଶଗତ ବିଭିନ୍ନତାସତ୍ତ୍ୱେ ପରସ୍ପର ପ୍ରତି ସହନଶୀଳ ହୋଇ ପରସ୍ପର ଶାନ୍ତିପୂର୍ଣ୍ଣ ଭାବରେ ଏକାଠି ଅବସ୍ଥାନ କରିବେ ।

ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁ ଇଉରୋପ ଭ୍ରମଣ ପରେ ସମ୍ପ୍ରତି ଭାରତକୁ ଫେରି ଆସିଛନ୍ତି । ଇଉରୋପରେ ଅବସ୍ଥାନ କାଳରେ ସେ ରୁଷିଆ, ଯୁଗୋସ୍ଲାଭିଆ, ପୋଲାଣ୍ଡ, ଅଷ୍ଟ୍ରିଆ, ଇଟାଲି ଓ ଇଂଲଣ୍ଡ ପ୍ରଭୃତି ଦେଶ ଏବଂ ଭାରତ ଫେରିବା ବାଟରେ ମିଶର ଦେଶ ପରିଦର୍ଶନ କରିଛନ୍ତି । ରୁଷିଆ, ଯୁଗୋସ୍ଲାଭିଆ ପ୍ରଭୃତି ରାଷ୍ଟ୍ରମାନେ ତାଙ୍କର ପଞ୍ଚଶୀଳା ମତକୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରି ତାହାର ମୂଳତତ୍ତ୍ୱକୁ ଗ୍ରହଣ କରିଛନ୍ତି । ଏ ମତ ଶାନ୍ତିର ମତ । ଯୁଦ୍ଧକୁ ପୂରାପୂରି ବେଆଇନ ଘୋଷଣା କରି ପରମାଣୁ ଅସ୍ତ୍ର ପ୍ରଭୃତି ମାରସ୍ତ୍ର ଅସ୍ତ୍ରକୁ ଯୁଦ୍ଧ କରିବା ଉଦ୍ଦେଶ୍ୟରେ ବ୍ୟବହାର ନ କରିବା ଉଦ୍ଦେଶ୍ୟରେ ସେ ସବୁର ଉତ୍ପାଦନ ବନ୍ଦ କରିବା ଓ ପୃଥିବୀରେ ଶାନ୍ତିର ପରିସର ବୃଦ୍ଧି କରିବା ପଞ୍ଚଶୀଳା ମତର ଚରମ ଲକ୍ଷ୍ୟ । ଶ୍ରୀ ନେହେରୁଙ୍କ ଇଉରୋପ ଭ୍ରମଣ ପରେ ପରେ ଜେନିଭାଠାରେ ଆମେରିକା, ବ୍ରିଟେନ, ଫ୍ରାନ୍ସ ଓ ରୁଷିଆ ଏହି ଚାରି ପ୍ରଧାନ ଶକ୍ତି ମଧ୍ୟରେ ସମ୍ମିଳନୀ ଆରମ୍ଭ ହୋଇଛି । ପୃଥିବୀର ସମସ୍ତ ବର୍ତ୍ତମାନ ସମସ୍ୟାକୁ ଅପୋସ ଆଲୋଚନା ଦ୍ୱାରା ତୁଟାଇ ଯୁଦ୍ଧକୁ ଏକାବେଳକେ ଲୋପ କରି ଶାନ୍ତି ଓ ସୁଖର ମାର୍ଗ ଫିଟାଇବା ଏ ସମ୍ମିଳନୀର ଉଦ୍ଦେଶ୍ୟ । ଏ ସମ୍ମିଳନୀର ସଫଳତା ଉପରେ ମାନବ ଜାତିର ଭବିଷ୍ୟତ ଅନେକାଂଶରେ ନିର୍ଭର କରୁଛି ।

---

# ଜାଣନ୍ତି କି ?

(କ)

୧ । ଭାରତରେ ଲୁହା ଉତ୍ପାଦନ ୧୯୫୪-୫୫ରେ

(କ) ୮½ ଲକ୍ଷ ଟନ

(ଖ) ୧୦ ଲକ୍ଷ ଟନ

(ଗ) ୧୨½ ଲକ୍ଷ ଟନ ହୋଇଥିଲା ?

୨ । ୧୯୫୪-୫୫ରେ ଭାରତରେ ଯେତେ ଖଣି ଉତ୍ପନ୍ନ ହୋଇଥିଲା ତହିଁର ମୂଲ୍ୟ ପୂର୍ବ ବର୍ଷ ଉତ୍ପନ୍ନ ହୋଇଥିବା ଖଣି ମୂଲ୍ୟର ଦୁଇଗୁଣ; ଅର୍ଥାତ

(କ) ୨ କୋଟି ଟଙ୍କା ?

(ଖ) ୩ କୋଟି ଟଙ୍କା ?

(ଗ) ୪ କୋଟି ଟଙ୍କା ?

୩ । ୧୯୫୪ରେ ଭାରତରୁ ରପ୍ତାନି ହୋଇଥିଲା

(କ) ୩୦୦ ନିୟୁତ ପାଉଣ୍ଡ ?

(ଖ) ୪୦୦ ନିୟୁତ ପାଉଣ୍ଡ ?

(ଗ) ୪୫୦ ନିୟୁତ ପାଉଣ୍ଡ ?

୪ । ଭାରତରେ ଯେଉଁ ନିଉଜ୍‌ପ୍ରିଣ୍ଟ କାଗଜ କାରଖାନା ସ୍ଥାପନ ହେବାକୁ ଯାଉଛି ତାହାଯୋଗୁଁ ଭାରତକୁ ଆଉ କାଗଜ ରପ୍ତାନି କରିବାକୁ ହେବ ନାହିଁ । ତହିଁରେ ଖର୍ଚ୍ଚ ହେବ —

(କ) ୨½ କୋଟି ଟଙ୍କା ?

(ଖ) ୩ କୋଟି ଟଙ୍କା ?

(ଗ) ୩½ କୋଟି ଟଙ୍କା ?

୫। ୧୯୫୪ରେ ଭାରତରେ ହାତତନ୍ତ ଲୁଗା ଉତ୍ପାଦିତ ହୋଇଥିଲା—

(କ) ୧୩୦୦ ନିୟୁତ ଗଜ ?

(ଖ) ୧୩୪୦ ନିୟୁତ ଗଜ ?

(ଗ) ୧୪୦୦ ନିୟୁତ ଗଜ ?

**ଉତ୍ତର**

୧—(ଗ); ୨—(ଖ), ୩—(ଗ); ୪—(କ); ୫—(ଖ)।

---

(ଖ)

୧। ଗ୍ରାମଗୋଷ୍ଠୀ ଯୋଜନା ଓ ଜାତୀୟ ସଂପ୍ରସାରଣ ଯୋଜନାମାନଙ୍କ ଅଧୀନରେ ଦେଶର ବିଭିନ୍ନ ଅଂଶରେ ବର୍ତ୍ତମାନ କେତୋଟି ଉନ୍ନୟନ ବ୍ଲକ କାର୍ଯ୍ୟ କରୁଅଛି—

(କ) ୭୨୪ ?

(ଖ) ୮୨୮ ?

(ଗ) ୧୦୦୦ ?

୨। ୧୯୫୪ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ସରକାର ଗ୍ରାମଗୋଷ୍ଠୀ ଯୋଜନାମାନଙ୍କରେ ୧୧·୦୨ କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ଲୋକେ ସ୍ୱେଚ୍ଛାରୂପେ ଦେଇଥିଲେ—

(କ) ୪ କୋଟି ଟଙ୍କା ?

(ଖ) ୪·୭୭ କୋଟି ଟଙ୍କା ?

(ଗ) ୫·୨ କୋଟି ଟଙ୍କା ?

୩। ଉକ୍ତ ତାରିଖ ପର୍ଯ୍ୟନ୍ତ ଜାତୀୟ ସଂପ୍ରସାରଣ ଯୋଜନାରେ ସରକାର ୨·୪୭ କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ଲୋକେ ସ୍ୱେଚ୍ଛାରୂପେ ଦେଇଥିଲେ—

(କ) ୧·୨୫ କୋଟି ଟଙ୍କା ?

(ଖ) ୨·୩ କୋଟି ଟଙ୍କା ?

(ଗ) ୨·୭୧ କୋଟି ଟଙ୍କା ?

୪। ୧୯୫୪ରେ ଭାରତରେ ନୂଆ ହୋଇ ଖୋଲା ହୋଇଥିବା ରେଳ ଷ୍ଟେସନମାନଙ୍କ ସଂଖ୍ୟା—

(କ) ୨୨ ?

(ଖ) ୨୬ ?

(ଗ) ୩୦ ?

୫। କେନ୍ଦ୍ର ସମାଜ ମଙ୍ଗଳ ବୋର୍ଡ଼ର ଆନୁକୂଲ୍ୟରେ ନାଜଫଗଡ଼ଠାରେ ଯେଉଁ ବଅଁରିଆ ଖଆର କାରଖାନା ସ୍ଥାପିତ ହୋଇଅଛି, ତହିଁରେ ଦିନ ଭିତରେ ନିଜ ନିଜର ଅନ୍ୟ ମୁଖ୍ୟ ଗାଈକା ଭୁଲାଇ ଆଂଶିକ ଭାବରେ କାମ କରୁଛନ୍ତି କେତେ ନାରୀଶ୍ରମିକ ?

(କ) ୩୦୦ ?

(ଖ) ୪୦୦ ?

(ଗ) ୫୦୦ ?

**ଉତ୍ତର**

୧—(ଖ); ୨—(ଖ); ୩—(ଗ); ୪—(କ); ୫ (ଗ) ।

## କେତେକ ଜ୍ଞାତବ୍ୟ ତଥ୍ୟ

୧। ୧୯୫୫ ମସିହାର ପ୍ରଥମ ଛଅମାସରେ ସରକାର ଗ୍ରାମଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମରେ ୬·୭୭ କୋଟି ଟଙ୍କା ଖର୍ଚ୍ଚ କରିଅଛନ୍ତି । ୧୯୫୨ ମସିହା ଅକ୍ଟୋବର ମାସରୁ ୧୯୫୫ ମସିହା ସେପଟେମ୍ବର ମାସ ମଧ୍ୟରେ ଏ ବାବଦରେ ୧୩·୮୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ।

୨। ୧୯୫୫ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ୧,୭୭,୭୮୪ ଏକର ଜମିରେ ନୂଆକରି ଫଳ ଓ ପନିପରିବା ଚାଷ କରାଯାଇଅଛି ।

୩। ୧୯୫୪-୫୫ରେ ଭାରତରୁ ୧୪୬·୫ କୋଟି ଟଙ୍କାର ଚା’ ରପ୍ତାନି ହୋଇଅଛି ।

୪। ଉକ୍ତ ବର୍ଷ ଭିତରେ ୧୧ କୋଟି ଟଙ୍କାର ଧୂଆଁପତ୍ର ରପ୍ତାନୀ ହୋଇଅଛି।

୫। ୧୯୫୪-୫୫ରେ ୧୮,୩୪୭,୦୦୦ ଏକର ଜମିରେ କପାଚାଷ କରାଯାଇଅଛି। ଏହା ୧୯୫୩-୫୪ ଉତ୍ପାଦନଠାରୁ ଅଧିକ (୧୯୫୩-୫୪ରେ ୧୭,୧୮୨,୦୦୦ ଏକର ଜମିରେ କପା ଚାଷ ହୋଇଥିଲା)। ୧୯୫୫-୫୬ରେ ୧୮ ନିୟୁତ ଏକର ଜମିରେ କପାଚାଷ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏ ବର୍ଷ ସେ ଲକ୍ଷ୍ୟଠାରୁ ମଧ୍ୟ ଅଧିକ ଜମିରେ କପାଚାଷ ହେଲା।

୬। ହୀରାକୁଦ ବନ୍ଧ ନିର୍ମାଣ ଫଳରେ ଯେଉଁ ଜଳସେଚନ ସୁବିଧା ହେବ ତଦ୍ୱାରା ବର୍ତ୍ତମାନ ଅପେକ୍ଷା ୪୫ ଲକ୍ଷ ମହଣ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରାଯାଇ ପାରିବ।

# ବିଜ୍ଞପ୍ତି

## ୧୯୫୫-୫୬ ରେ କ୍ରୀଡ଼ା କୌତୁକ ଯୋଜନା

ଛାତ୍ରମାନେ ଯେଉଁ ପ୍ରକାର ଶାରୀରିକ ଶ୍ରମ କଲେ ସ୍କୁଲ ଓ କଲେଜମାନଙ୍କରେ ବ୍ୟାୟାମ ଶିକ୍ଷା; ଖେଳ କସରତ ଓ ଅନ୍ୟାନ୍ୟ ଏ ସଂପର୍କୀୟ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଘଟିବ, ସେ ପ୍ରକାର ଶାରୀରିକ ଶ୍ରମ ଛାତ୍ରମାନେ ଯେପରି କରିପାରିବେ, ସେଥିପାଇଁ ଏ ସବୁ ଉଦ୍ଦେଶ୍ୟରେ ଗ୍ରାଣ୍ଟ ବା ସାହାଯ୍ୟ ଦେବା ପ୍ରକାଶେ ଭାରତ ସରକାର ୧୯୫୩-୫୪ ଓ ୧୯୫୪-୫୫ରେ କେତେକ ଅର୍ଥ ବ୍ୟବସ୍ଥା କରିଥିଲେ। ଏ ସବୁ ଆର୍ଥିକ ବ୍ୟବସ୍ଥାଫଳରେ ବହୁତ ଶିକ୍ଷାନୁଷ୍ଠାନମାନେ ଉପକୃତ ହୋଇଛନ୍ତି ଓ ଛାତ୍ରମାନେ ସ୍ୱେଚ୍ଛାରେ କାର୍ଯ୍ୟ କରିବା ଫଳରେ ଏ ସବୁ ଅନୁଷ୍ଠାନରେ ସାଧାରଣ ଭାବରେ ସବୁ ପ୍ରକାର ସୁବିଧା ସୁଯୋଗର ବ୍ୟବସ୍ଥା ହୋଇ ପାରିଛି।

ଗତ ଦୁଇ ବର୍ଷ ମଧ୍ୟରେ ବିଶେଷ କରି ନିମ୍ନଲିଖିତ ଯୋଜନାଗୁଡ଼ିକ ପାଇଁ ଟଙ୍କା ଯୋଗାଇ ଦିଆଯାଇଥିଲା।

(କ) ଖୋଲା ସ୍ଥାନରେ ଥିଏଟର।

(ଖ) ସନ୍ତରଣ ପାଇଁ ପୁଷ୍କରିଣୀ।

ଚଳିତ ଆର୍ଥିକ ବର୍ଷରେ ନିମ୍ନଲିଖିତ ଯୋଜନାମାନଙ୍କ ପାଇଁ ଅର୍ଥ ନିର୍ଦ୍ଦିଷ୍ଟ କରି ରଖାଯାଇଛି।

(କ) ସନ୍ତରଣ ପାଇଁ ପୁଷ୍କରିଣୀ।

(ଖ) ଖୋଲା ସ୍ଥାନରେ ଥିଏଟର।

(ଗ) ଦର୍ଶକମାନଙ୍କ ପାଇଁ ଛୋଟ ଛୋଟ ଷ୍ଟାଡ଼ିୟମ।

(ଘ) ପ୍ରଦର୍ଶନ ମନ୍ଦିର।

(ଙ) ଅବସର ବିନୋଦନ ଭବନ ତଥା ପ୍ରେକ୍ଷାଳୟ।

(ଚ) ବ୍ୟାୟାମଶାଳା।

(ଛ) କ୍ରୀଡ଼ାକୌତୁକ ଦେଖିବା ନିମନ୍ତେ ୪୦୦ ମିଟରର ଡିମ୍ବାକାର କ୍ରୀଡ଼ାପଥ ନିର୍ମାଣ।

ଅନ୍ୟାନ୍ୟ ଯେଉଁ ସବୁ ଯୋଜନା କାର୍ଯ୍ୟରେ ପରିଣତ କରିବାରେ ଛାତ୍ରମାନଙ୍କୁ ବିଶେଷ ପରିଶ୍ରମ କରିବାକୁ ହେବ, ସେ ସବୁ ଯୋଜନା ସଂପର୍କରେ ମଧ୍ୟ ବିବେଚନା କରାଯିବ। ପ୍ରକାଶ ଥାଉ କି, ଯେଉଁ

ସବୁ ସର୍ତ୍ତରେ ଗ୍ରାଣ୍ଟ ବା ସାହାଯ୍ୟ ଦିଆଯାଏ ସେ ସର୍ତ୍ତଗୁଡ଼ିକ ପୂରଣ ହେବା ଦରକାର । ସର୍ତ୍ତଗୁଡ଼ିକ ନିମ୍ନରେ ବୁଝାଇ ଦିଆଗଲା ।

**ଗ୍ରାଣ୍ଟ ଦେବାର ସର୍ତ୍ତ**

(କ) କେଉଁ କେଉଁମାନଙ୍କ ଜରିଆରେ ଦିଆଯିବ ।

କଲେଜମାନଙ୍କୁ ଗ୍ରାଣ୍ଟ ଦିଆଯିବାର ହେଲେ କଲେଜଟି ଯେଉଁ ବିଶ୍ୱବିଦ୍ୟାଳୟ ସହିତ ସଂଶ୍ଳିଷ୍ଟ, ସେହି ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଜରିଆରେ ଦରଖାସ୍ତ ଦାଖଲ କରିବାକୁ ହେବ । ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନମାନଙ୍କ ସ୍ଥଳେ ଯେଉଁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ସେକ୍ରେଟେରୀଙ୍କ କାର୍ଯ୍ୟସୀମା ଭିତରେ ଅନୁଷ୍ଠାନଟି ଅବସ୍ଥିତ, ସେହି ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଜରିଆରେ ଦରଖାସ୍ତ ଦାଖଲ କରିବାକୁ ହେବ ।

(ଖ) ଗ୍ରାଣ୍ଟର ପରିମାଣ ।

ଏ ସବୁ ଯୋଜନାରେ ପ୍ରକୃତରେ ଯେତେ ଖର୍ଚ୍ଚ ହେବ କେନ୍ଦ୍ର ସରକାର ତହିଁର ଶତକଡ଼ା ୭୫ ଭାଗ ପର୍ଯ୍ୟନ୍ତ ବହନ କରିବେ । ଛାତ୍ର ଓ ଶିକ୍ଷକମାନେ ଯେଉଁ ଶ୍ରମ କରିବେ, ଏଥିରେ ତହିଁର ମୂଲ୍ୟ ବିବେଚନା କରାଯିବ ନାହିଁ । ବିଭିନ୍ନ ଧରଣର ଯୋଜନାମାନଙ୍କରେ ସର୍ବୋଚ୍ଚ କେତେ ପରିମାଣ ଟଙ୍କା ଦିଆଯିବ, ତାହା ନିମ୍ନରେ ଦିଆଯାଇଛି ଓ ଏଥିରୁ କାହାରିକୁ ଅଧିକ ଦିଆଯିବ ନାହିଁ । ହସ୍ତଗତ ହୋଇଥିବା ପ୍ରସ୍ତାବଗୁଡ଼ିକର ଯଥାଯଥ ଯାଞ୍ଚ ହୋଇ ସାରିବା ପରେ ଉଚିତ ଗ୍ରାଣ୍ଟ ମଞ୍ଜୁର କରାଯିବ । କିନ୍ତୁ ଗ୍ରାଣ୍ଟର ପରିମାଣ ନିମ୍ନରେ ସର୍ବୋଚ୍ଚ ପରିମାଣରୁ ଅଧିକ ହେବ ନାହିଁ ।

(କ) ସନ୍ତରଣ ପାଇଁ ପୁଷ୍କରିଣୀ ଟ ୩୦,୦୦୦୲

(ଖ) ଖୋଲା ସ୍ଥାନରେ ଥିଏଟର ଟ ୧୫,୦୦୦୲

(ଗ) କ୍ରୀଡ଼ା ପ୍ରାଙ୍ଗଣ ଚାରିପଟେ ଦର୍ଶକମାନଙ୍କ ପାଇଁ କଙ୍କ୍ରିଟ ଷ୍ଟେଡ ସ୍ଥାପନ ଟ ୨୫,୦୦୦୲

(ଘ) ପ୍ରଦର୍ଶନୀ ମଣ୍ଡପ ଟ ୧୦,୦୦୦୲

(ଙ) ଅବସର ବିନୋଦନ ଭବନ ତଥା ପ୍ରେକ୍ଷାଳୟ ଟ ୩୫,୦୦୦୲

(ଚ) ବ୍ୟାୟାମଶାଳା ଟ ୨୫,୦୦୦୲

(ଛ) ଦର୍ଶକମାନଙ୍କ ସୁବିଧା ପାଇଁ ୪୦୦ ମିଟରର ଡିମ୍ବାକାର କ୍ରୀଡ଼ାପଥ ନିର୍ମାଣ ଟ ୧୦,୦୦୦୲

(ଜ) ଅନ୍ୟାନ୍ୟ ସର୍ତ୍ତାବଳୀ ।

ଯୋଜନାଗୁଡ଼ିକର କାର୍ଯ୍ୟ କରିବା ପାଇଁ ଯାହା ସାଧାରଣ ଶ୍ରମ ଆବଶ୍ୟକ ହେବ, ଛାତ୍ର ଓ ଶିକ୍ଷକମାନେ ସେ ଶ୍ରମ କରିବେ ଓ କାରିଗରି କୌଶଳ-ବିଶିଷ୍ଟ କାମ ଯଥାସମ୍ଭବ ଶିକ୍ଷା ଦାନ ସମୟରେ ଅଥବା ଛୁଟିରେ ଏ ସବୁ ଯୋଜନାର କାର୍ଯ୍ୟ କରାଯାଇପାରେ ।

(ଖ) ପ୍ରଧାନତଃ ଛାତ୍ରସମାଜର ମଙ୍ଗଳ ନିମନ୍ତେ ଯୋଜନାଟି ଉଦ୍ଦିଷ୍ଟ ହେବା ଆବଶ୍ୟକ । ଯୋଜନାର କାର୍ଯ୍ୟ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପ୍ରାଙ୍ଗଣରେ କିମ୍ବା ସଂପୃକ୍ତ ଶିକ୍ଷାନୁଷ୍ଠାନର ନିକଟବର୍ତ୍ତୀ ସ୍ଥାନରେ ଶାରୀରିକ ଶ୍ରମରେ ଯୋଗ ଦେଉଥିବା ଶିକ୍ଷାନୁଷ୍ଠାନମାନଙ୍କ ପ୍ରାଙ୍ଗଣରେ ଚାଲିବା ଭଲ ।

(ଗ) ଗୋଟିଏ ଶିକ୍ଷାନୁଷ୍ଠାନ ସହାୟ ଯୋଜନାଟିର କାର୍ଯ୍ୟ ଆରମ୍ଭ କରାଯାଇପାରେ କିମ୍ବା ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କ ସହିତ ମିଶି ମଧ୍ୟ କାର୍ଯ୍ୟ ଆରମ୍ଭ କରାଯାଇପାରେ । ମିଳାମିଶି କାମ କଲେ ସବୁ ଶିକ୍ଷାନୁଷ୍ଠାନର ଛାତ୍ରମାନଙ୍କର ସାଧାରଣ ଯୋଜନାଟି ପାଇଁ ସ୍ୱ ସ୍ୱ କାର୍ଯ୍ୟର ଅଂଶଟିକୁ ନିର୍ବାହ କରିବା ଆବଶ୍ୟକ ।

(ଘ) ଗ୍ରାଣ୍ଟ ପାଇଁ ଶିକ୍ଷାନୁଷ୍ଠାନମାନେ କୁଳପତି, ଶିକ୍ଷା ବିଭାଗ ସେକ୍ରେଟେରୀଙ୍କଠାରୁ ଯଥାବିଧି ସୁପାରିଶ ନେଇ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ ଦପ୍ତରକୁ ପଠାନ୍ତୁ । ପରିଶିଷ୍ଟରେ ଦିଆଯାଇଥିବା ସମସ୍ତ ବିବରଣୀ ମଧ୍ୟ ଦରଖାସ୍ତ ସହିତ ଦିଅନ୍ତୁ ।

(ଛ) ଯେଉଁସବୁ ଯୋଜନାକୁ କାର୍ଯ୍ୟରେ ପରିଣତ କରାଯିବ, ବିଭିନ୍ନ ଅନୁଷ୍ଠାନର ଆବଶ୍ୟକତା ପ୍ରତି ଦୃଷ୍ଟି ରଖି ତାହାର ନକ୍ସା ଓ ଅଟକଳ ଓଭରସିଅରଙ୍କ ସହିତ ପରାମର୍ଶ କରି ପ୍ରସ୍ତୁତ କରିବାକୁ ହେବ ।

(ଜ) ଯୋଜନା କାର୍ଯ୍ୟରେ ପରିଣତ ହେବା ପରେ ସେଥିରେ ଯାହା ଖର୍ଚ୍ଚ ହୋଇଥିବ ତାକୁ ଅଡିଟ୍ କରାଇ ନେବାକୁ ହେବ । ଅଡିଟ ହୋଇଥିବା ବିବରଣୀ ଶିକ୍ଷାମନ୍ତ୍ରୀ ଦପ୍ତରକୁ ପଠାଇବାକୁ ହେବ । ଏ ବିବରଣୀ ସହିତ ଏହି ମର୍ମରେ ଗୋଟିଏ ସାର୍ଟିଫିକେଟ ଦେବାକୁ ହେବ ଯେ ଗ୍ରାଣ୍ଟ ଯେଉଁ ଉଦ୍ଦେଶ୍ୟରେ ମଞ୍ଜୁର ହୋଇଥିଲା, ସେହି ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇଅଛି ।

(ଝ) ଯୋଜନାଟିରେ କି ବିଶେଷ ବିଶେଷ କାର୍ଯ୍ୟ ହୋଇଛି ଓ ଛାତ୍ରମାନେ ସ୍ୱଇଚ୍ଛାରେ ବିଶେଷ କରି କେତେ କାର୍ଯ୍ୟ କରିଛନ୍ତି, ସେ ସମ୍ବନ୍ଧରେ ଗୋଟିଏ ସଂକ୍ଷିପ୍ତ ବିବରଣୀ ମଧ୍ୟ ଦେବାକୁ ହେବ ।

## ଯୋଜନା ସକାଶେ ଗ୍ରାଣ୍ଟ ପାଇବା ପାଇଁ କି ସର୍ତ୍ତରେ ଅନୁରୋଧ କରିବାକୁ ହେବ

ଯୋଜନା କରି ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଗ୍ରାଣ୍ଟ ପାଇବା ସକାଶେ ବିଶ୍ୱବିଦ୍ୟାଳୟ ଜରିଆରେ ଶିକ୍ଷାମନ୍ତ୍ରୀ-ଦପ୍ତରକୁ ଦରଖାସ୍ତ କରିବାକୁ ହେବ । ଦରଖାସ୍ତରେ ନିମ୍ନଲିଖିତ ବିବରଣୀ ଦେବାକୁ ହେବ ।

୧ । କି ପ୍ରକାର ଯୋଜନା ?

୨ । ଯୋଜନାର ଆକାର ?

୩ । କେଉଁଠାରେ ଓ କେବେ ଆରମ୍ଭ କରାଯିବ ?

୪ । ଯୋଜନାଟି ନିର୍ଦ୍ଦିଷ୍ଟ ସମୟ ପାଇଁ ଶିବିର ଭିତ୍ତିରେ କାର୍ଯ୍ୟରେ ପରିଣତ କରାଯିବ ବା ଦୈନିକ କାର୍ଯ୍ୟ ଭିତ୍ତିରେ କାର୍ଯ୍ୟରେ ପରିଣତ କରାଯିବ ? ଶିକ୍ଷା ଦାନ କାଳରେ ବା ଅନ୍ୟ ସମୟରେ ?

୫ । ଯୋଜନାର କାମ କେତେ ଦିନ ଚାଲିବାର ସମ୍ଭାବନା ?

୬ । ଯୋଜନାରେ କେତେ ଖର୍ଚ୍ଚ ହେବ ବୋଲି ଅଟକଳ ହୋଇଛି ? ଏହାର ବିଶେଷ ବିବରଣ ଦେବାକୁ ହେବ ।

୭ । ଯୋଜନାର ଉଦ୍ୟୋକ୍ତାମାନେ ଖର୍ଚ୍ଚର ଶତକଡ଼ା କେତେ ଭାଗ ଦେବାକୁ ଇଚ୍ଛା କରନ୍ତି ?

୮ । ଛାତ୍ର ଶିକ୍ଷକମାନେ ଆନୁମାନିକ କେତେ କାର୍ଯ୍ୟ (କାରିଗରି ଓ ସାଧାରଣ) କରିବାର ଆଶା ।

୯ । କେଉଁ ଶ୍ରେଣୀର କେତେ ଛାତ୍ର ଯୋଗ ଦେବାର ଆଶା ?

—o—

## ଓଡ଼ିଶାରେ ବିଆଳି ଫସଲ ୧୯୫୪-୫୫ର ଚୂଡ଼ାନ୍ତ ପୂର୍ବାଭାସ

୧୯୫୪-୫୫ରେ ଓଡ଼ିଶାରେ ୧୩୨୪୯୦୦ ଏକର ଜମିରେ ବିଆଳି ଧାନ ଚାଷ କରାଯାଇଥିଲା । ଗତବର୍ଷ ୧୩୫୧୮୦୦ ଏକର ଜମିରେ ଏହା ଚାଷ ହୋଇଥିଲା । ସାଧାରଣତଃ ଯେତେ ଫସଲ ହେବାର କଥା, ଏ ବର୍ଷ ତହିଁର ଶତକଡ଼ା ୭୪ ଭାଗ ଫସଲ ହୋଇଥିଲା ବୋଲି ଅଟକଳ କରାଯାଇଛି । ଗତବର୍ଷ ଶତକଡ଼ା ୭୮ ଭାଗ ଉତ୍ପନ୍ନ ହୋଇଥିଲା । ମୋଟରେ ୨୯୭୮୦୩ ଟନ୍ ଫସଲ ଅମଳ ହୋଇଥିଲା ବୋଲି ଅଟକଳ କରାଯାଇଛି । ଗତବର୍ଷ ୩୧୩୦୦୮ ଟନ୍ ଫସଲ ଅମଳ ହୋଇଥିଲା ।

କଟକ, ମୟୂରଭଞ୍ଜ, କଳାହାଣ୍ଡି ଏବଂ ବୌଦ୍ଧ ଜିଲ୍ଲାମାନଙ୍କରେ ଫସଲ ପକ୍ଷରେ ପାଗ ଅନୁକୂଳ ନ ଥିଲା । ଅନ୍ୟାନ୍ୟ ଜିଲ୍ଲାମାନଙ୍କର ପାଗ ଭଲ ଥିଲା । ଫସଲର ଅବସ୍ଥା ମୋଟାମୋଟି ଭଲ ଥିବାର ସମ୍ବାଦ ମିଳିଛି ।

—o—

## ଓଡ଼ିଶାରେ ହଇଜା ଓ ବସନ୍ତ ରୋଗ

୧୯୫୫ ଜୁନ ୨୮ ତାରିଖରେ ଶେଷ ହେଉଥିବା ସପ୍ତାହରେ ଓଡ଼ିଶାରେ ୨୯ ଜଣ ଲୋକ ହଇଜାରେ ଆକ୍ରାନ୍ତ ହୋଇଥିଲେ ଓ ୧୫ ଜଣ ମୃତ୍ୟୁମୁଖରେ ପଡ଼ିଥିଲେ। ଏହାର ପୂର୍ବବର୍ତ୍ତୀ ଦୁଇ ସପ୍ତାହରେ ୧୯ ଜଣ ଏ ରୋଗରେ ଆକ୍ରାନ୍ତ ହୋଇଥିଲେ ଓ ୭ ଜଣଙ୍କର ମୃତ୍ୟୁ ଘଟିଥିଲା। ଗତବର୍ଷ ଠିକ ଏହି ୧୫ ଦିନରେ ୧୫୩ ଜଣ ହଇଜାରେ ଆକ୍ରାନ୍ତ ହୋଇ ୭୩ ଜଣ ପ୍ରାଣ ହରାଇଥିଲେ।

ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ପୂର୍ବ ୧୫ ଦିନ ଅପେକ୍ଷା ଏ ୧୫ ଦିନରେ ହଇଜାର ପ୍ରକୋପ ବଢ଼ିଥିଲା ଓ ଢେଙ୍କାନାଳ ଜିଲ୍ଲାରେ ତାହା କମିଥିଲା। ପୂର୍ବ ଦୁଇ ସପ୍ତାହରେ ଯେଉଁ ଜିଲ୍ଲାମାନଙ୍କରେ ହଇଜାର ପ୍ରାଦୁର୍ଭାବ ହୋଇଥିଲା ଏ ପକ୍ଷରେ ସେ ସବୁ ଜିଲ୍ଲାମାନଙ୍କରେ ତାହା କମି ଯାଇଥିଲା। କଟକ ଜିଲ୍ଲାରେ ନୂଆ ହୋଇ ଏ ରୋଗର ପ୍ରାଦୁର୍ଭାବ ହୋଇଥିଲା। ରୋଗ ଯେପରି ନ ବ୍ୟାପେ ସେଥିପାଇଁ ଆବଶ୍ୟକମତେ ପ୍ରତିଷେଧକ ବ୍ୟବସ୍ଥା ଆକ୍ରାନ୍ତ ଅଞ୍ଚଳମାନଙ୍କରେ ଅବଲମ୍ବନ କରାଯାଇଥିଲା। ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ଏ ରୋଗ ଦେଖା ଦେଇ ନ ଥିଲା।

ବର୍ଣ୍ଣିତ ପକ୍ଷ ମଧ୍ୟରେ ୪୫ ଜଣ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ୩ ଜଣ ମରିଥିଲେ। ଏହାର ପୂର୍ବ ପକ୍ଷରେ ୫୫ ଜଣ ଏ ରୋଗରେ ଆକ୍ରାନ୍ତ ହୋଇ ୭ଜଣ ମୃତ୍ୟୁମୁଖରେ ପଡ଼ିଥିଲେ। ଗତବର୍ଷ ଠିକ୍ ଏହି ୧୫ ଦିନରେ ୮୯ ଜଣ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ୮ ଜଣ ପ୍ରାଣ ହରାଇଥିଲେ।

କଳାହାଣ୍ଡି ଜିଲ୍ଲାରେ ବସନ୍ତର ପ୍ରକୋପ ବଢ଼ିଥିଲା। ପୁରୀ, ମୟୂରଭଞ୍ଜ ଓ ବୌଦ୍ଧ ଜିଲ୍ଲାମାନଙ୍କରେ କମିଥିଲା। ସମ୍ବଲପୁର ଓ କୋରାପୁଟ ଜିଲ୍ଲାମାନଙ୍କରେ ଏ ରୋଗର ପ୍ରାଦୁର୍ଭାବ ଘଟିଥିଲା। ରୋଗର ପ୍ରସାର ବନ୍ଦ କରିବା ପାଇଁ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଅବଲମ୍ବନ କରାଯାଇଥିଲା। ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ଏହି ରୋଗ ହୋଇ ନ ଥିଲା।

ରାଜ୍ୟର ଅଧିକାଂଶ ଜିଲ୍ଲାମାନଙ୍କରେ ତା ୧୮।୭।୫୫ରେ ବି. ସି. ଜି. ପକାଇବା ଆରମ୍ଭ ହୋଇଥିଲା।

ବି. ସି. ଜି. ଟୀକା ଦେଉଥିବା କର୍ମଚାରୀ ଦଳ କଟକ ଜିଲ୍ଲାର ସଦର ସବ୍‌ଡିଭିଜନ, ଢେଙ୍କାନାଳର ତାଳଚେର ସବ୍‌ଡିଭିଜନ ଓ ଗଞ୍ଜାମ ଜିଲ୍ଲାର ଛତ୍ରପୁର ସବ୍‌ଡିଭିଜନର ଗ୍ରାମେ ଗ୍ରାମେ ବୁଲି ଟୀକା ଦେଉଥିଲେ।

ପୁରୀର ରଥଯାତ୍ରା ସମୟରେ ମହାମାରୀ ରୋଗର ପ୍ରାଦୁର୍ଭାବ ଯେପରି ନ ଘଟେ ସେଥିପାଇଁ ଯଥେଷ୍ଟ ପରିଚ୍ଛନ୍ନତା ଓ ସାଧାରଣ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ଅବଲମ୍ବନ କରାଯାଇଥିଲା।

ହଇଜା ପ୍ରତିଷେଧକ ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଇ ୧୮୯୭ ମସିହାର ମହାମାରୀ ରୋଗ ଆଇନ ଅନୁସାରେ ପୁରୀ ସହର, ପୁରୀ ସହରତଳି ଅଞ୍ଚଳ, ସାକ୍ଷୀଗୋପାଳ ଓ ଭୁବନେଶ୍ୱର ଅଞ୍ଚଳ ଏବଂ ବାଙ୍କେଶବାରେ ଅସ୍ଥାୟୀ ଆଇନ୍ ଜାରି କରାଯାଇଥିଲା।


—o—

## ନିବେଦନ,
## ଓଡ଼ିଶା ଋଣ ଷ୍ଟାଇପେଣ୍ଡ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରନ୍ତୁ


ଓଡ଼ିଶା ସରକାରଙ୍କ ଡେଭେଲପମେଣ୍ଟ (ଯୋଜନା) ବିଭାଗ ତରଫରୁ ନିମ୍ନଲିଖିତ ନିବେଦନ ପ୍ରକାଶିତ ହୋଇଛି:—

ଉଚ୍ଚତର ଶିକ୍ଷା, ବିଶେଷ କରି ବିଜ୍ଞାନ, ଇଞ୍ଜିନିୟରିଂ, ମେଡିକାଲ ବିଦ୍ୟା ଓ ଶିଳ୍ପ ବିଜ୍ଞାନ କ୍ଷେତ୍ରରେ ଶିକ୍ଷାର ଉନ୍ନତି କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ଓଡ଼ିଶା ଋଣ ଷ୍ଟାଇପେଣ୍ଡ ପାଣ୍ଠି

# ଉତ୍କଳ ଉଦ୍ୟୋଗ ପ୍ରଦର୍ଶନୀ, ପୁରୀ



ଓଡ଼ିଶା ସରକାରଙ୍କ ବନ ବିଭାଗ ଷ୍ଟଲ



ଓଡ଼ିଶା ସରକାରଙ୍କ ବନ ବିଭାଗ ଦ୍ୱାରା
ପ୍ରଦର୍ଶିତ ଦୁଇଟି ବୃହତ୍ ହାତୀଦାନ୍ତ



ପ୍ରଦର୍ଶନୀରେ ଅନ୍ୟାନ୍ୟ ସରକାରୀ ଷ୍ଟଲ




ପ୍ରଦର୍ଶନୀ ମଣ୍ଡପରେ ଖଣ୍ଡପଡ଼ାର ପ୍ରସିଦ୍ଧ କାଠ କାମ

## ଉତ୍କଳ ଉଦ୍ୟୋଗ ପ୍ରଦର୍ଶନୀ, ପୁରୀ—



ପୁରୀ ମହିଳାଶ୍ରମ ବାଳକାମାନଙ୍କର କୃତ



ମହିଳାଶ୍ରମର ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ନାନାବିଧ
ସୂକ୍ଷ୍ମ ଭାସ୍କର୍ଯ୍ୟ



ମଣ୍ଡପରେ ମହିଳାଶ୍ରମର ଶିଳ୍ପକଳା



ପ୍ରଦର୍ଶନୀ ମଣ୍ଡପରେ ମହିଳାଶ୍ରମର ସିଲେଇ ଭାଗ

ରେ ଗୋଟିଏ ପାଣ୍ଠି ଗଠନ କରିଛନ୍ତି । ଆମ ୟରେ ଯେଉଁସବୁ ବିଷୟରେ ଉଚ୍ଚତର ଶିକ୍ଷା ାର ସୁବିଧା ନାହିଁ, ସେ ସବୁ ବିଷୟରେ ଶରୁ ତଥା ଭାରତରେ ଉଚ୍ଚତର ଶିକ୍ଷା ପାଇଁ ଓଡ଼ିଶାର ଅଭାବଗ୍ରସ୍ତ ଓ ଦକ୍ଷଯୁକ୍ତ ତ୍ରମାନେ ଯେପରି ସମର୍ଥ ହେବେ, ସେଥିପାଇଁ ପାଣ୍ଠିରୁ ସେମାନଙ୍କୁ ୧୯୭୬ ମସିହାରୁ ବିନା ରେ ଋଣ ଦିଆ ହୋଇ ଆସୁଛି । କିନ୍ତୁ ାଣ୍ଠିରେ ସ୍ୱଳ୍ପ ପରିମାଣରେ ଅର୍ଥ ଥିବା ହେତୁ ସଂଖ୍ୟକ ଛାତ୍ରଙ୍କୁ ଉପଯୁକ୍ତ ଆର୍ଥିକ ସାହାଯ୍ୟ ବା ସମ୍ଭବ ହେଉନାହିଁ ।

ବର୍ତ୍ତମାନ ଏ ରାଜ୍ୟରେ ଇସ୍ପାତ କାରଖାନା, ଲ୍ୟୁମିନିୟମ କାରଖାନା ଓ ଫେରୋକ୍ରୋମ କାର ଖାନା ପ୍ରଭୃତି ସ୍ଥାପିତ ହେଉଛି । ତେଣୁ ଶାରେ ବହୁସଂଖ୍ୟକ କାରିଗରି ତାଲିମପ୍ରାପ୍ତ ଡ ଦରକାର । ତେଣୁ ଏ ବର୍ଷଠାରୁ ତ ବହୁସଂଖ୍ୟକ ଛାତ୍ରଙ୍କୁ କାରିଗରି ତାଲିମ ଇଁ ଉଭୟ ଭାରତରେ ଓ ଭାରତ ବାହାରେ ଥିବା ନୁଷ୍ଠାନମାନଙ୍କୁ ପଠାଇବା ଆବଶ୍ୟକ ବୋଲି ବେଚନା କରାଯାଉଛି ।

ରାଜ୍ୟରେ ବୈଷୟିକ ଶିକ୍ଷାର ଉନ୍ନତି ପାଇଁ ନ ସାମର୍ଥ୍ୟ ଅନୁଯାୟୀ ଋଣ ଷ୍ଟାଇପେଣ୍ଡ୍, ପାଣ୍ଠିକୁ ଉତ୍ସବରେ ଦାନ କରିବାରେ ବଦାନ୍ୟ ଜନସାଧାରଣ ପଶ୍ଚାତ୍‌ପଦ ହେବେ ନାହିଁ ବୋଲି ଶା କରାଯାଏ ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଶା ଋଣ ଷ୍ଟାଇପେଣ୍ଡ୍ ଣ୍ଠିର ସଭାପତି ଅଟନ୍ତି । ଏ ପାଣ୍ଠିକୁ ଯେ ସାହାଯ୍ୟ ଦେବାକୁ ଇଚ୍ଛା କରନ୍ତି, ସେ ଅନୁଗ୍ରହ କରି ତାଙ୍କର ଖକୁ ପଠାନ୍ତୁ ।

—*—

## ଆଳୁଗଛ ଛୋଟ ହୋଇଥିଲା ବେଳେ ପାଚିଲା ପଡ଼ିଯାଏ କିପରି ? ଏ ରୋଗ ନିବାରଣ ପାଇଁ ଔଷଧ ଛିଞ୍ଚିବା ଆବଶ୍ୟକ

ଉତ୍ତର ଭାରତର ସମତଳ ଅଞ୍ଚଳମାନଙ୍କରେ ଅଧିକାଂଶ ଆଳୁ ଚାଷ ହୁଏ । ଏଠାରେ, ଗଛଗୁଡ଼ିକରେ ଏକ ପ୍ରକାର ରୋଗ ହୋଇ ଗଛଗୁଡ଼ିକ ପାଚିଲା ପଡ଼ିଯାଏ । ଏ ରୋଗ ଗଛଗୁଡ଼ିକୁ ଥରକୁ ଥର ଆକ୍ରମଣ କରିଥାଏ । ଏ ରୋଗ ଚାଷ ସମୟରେ ଶେଷ ଆଡ଼କୁ ଆକ୍ରମଣ କରୁଥିବାରୁ ପ୍ରଥମେ ଲଗା ହୋଇଥିବା ପ୍ରଧାନ ଫସଲଟି ନଷ୍ଟ ହୁଏନାହିଁ ।

ରୋଗାକ୍ରାନ୍ତ ଗଛଗୁଡ଼ିକରେ ଠାଏ ଠାଏ ବାଦାମ ରଙ୍ଗର ଚିହ୍ନ ହୋଇଥାଏ । ପତ୍ରର ମଝିରେ ଗୋଲ ଗୋଲ ଦାଗ ପଡ଼େ । ଏ ଚିହ୍ନଗୁଡ଼ିକ ବଢ଼ି ଏକାଠି ମିଶିଯାଏ, ସମୁଦାୟ ପତ୍ର ଶୁଖି ମରିଯାଏ । ଏ ପ୍ରକାର ପତ୍ର ଝଡ଼ିବା ରୋଗ ହେଲେ କେତେ ଆଳୁ ଫଳେ ନାହିଁ ।

ଏ ରୋଗ ଆକ୍ରମଣ କଲାମାତ୍ରେ ବୋର୍ଡୋ ମିକ୍ସଚର୍ ପେରେନକ୍ସ ବା ଡାଇଥେନ-୧୮ ନାମକ ଔଷଧ ଛିଞ୍ଚିଲେ ଏ ରୋଗକୁ ନିୟନ୍ତ୍ରିତ କରାଯାଇ ପାରିବ । ଏ ସବୁ ଔଷଧ ବ୍ୟବହାର କରିବା ପାଇଁ ଆଳୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି ।

—*—

## ଦୁଇଧାଡ଼ି କରି ଆଳୁ ଲଗାଇବ; ଆଳୁ ଲଗାଇବାର ନୂଆ ନିୟମ

ପଞ୍ଜାବର ଚାଷୀମାନେ ଦୁଇଧାଡ଼ି ମଝିରେ ୬ଇଞ୍ଚ ଫାଙ୍କ ରଖି ଏକଇଞ୍ଚ ଗଭୀରରେ ଆଳୁ ଲଗାଇବାକୁ ପସନ୍ଦ କରୁଛନ୍ତି ।

ଏ ପ୍ରଣାଳୀ ଅଳ୍ପଦିନ ହେଲା ଉଦ୍ଭାବନ କରାଯାଇଛି । ଦୁଇ ହୁଡ଼ା ମଝିରେ ୨½ ଫୁଟ୍ ଠାରୁ ୨¾ ଫୁଟ ପର୍ଯ୍ୟନ୍ତ ବ୍ୟବଧାନ ରଖି ଦୁଇଧାଡ଼ି ଆଳୁ ଲଗାଇବା ହେଉଛି ଏ ନୂଆ ପ୍ରଣାଳୀର ମୂଳ କଥା,

ଆଳୁ ଚାଷୀମାନେ ସାଧାରଣତଃ ଦୁଇହାତ ମଝିରେ ୧½ ଫୁଟରୁ ୨ ଫୁଟ ବ୍ୟବଧାନ ରଖି ଗୋଟିଏ ଧାଡ଼ିରେ ଆଳୁ ଲଗାନ୍ତି । ଗଛଗୁଡ଼ିକ ମଝିରେ ହୋଡ଼ାହୋଡ଼ି କରିବା ଦେଖି ଗାଙ୍କ ଉଠିଲେ ହୋଡ଼ାହୋଡ଼ି କରିବା ସୁବିଧାଜନକ ହୁଏ, ଅଳ୍ପ ପାଣି ମଡ଼ାଇବା କରିବାର ହୁଏ; ମଝିରେ ମଝିରେ ଅନ୍ୟାନ୍ୟ କାମ କରିବା ଓ ଆଳୁ ଖୋଳିବାରେ ଖର୍ଚ୍ଚ ମଧ୍ୟ କମ୍ ହୁଏ ।

ଭାରତରେ ଦୁଇଧାଡ଼ି ଆଳୁ ଲଗାଇ ସାରି ଧାଡ଼ି ମଝିରେ ସାର ଦେବାପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି । ଆଳୁ ମଞ୍ଜି ସେଠାରେ ଉପରରେ ଲଗିଥିବ ତାହାଠାରୁ ୪ ଇଞ୍ଚ ଦେଖି ଉପରରେ ସାର ଦେବ । ସେହିପରି ପ୍ରତି ଧାଡ଼ିଠାରୁ ଦୁଇ ଇଞ୍ଚ ଦୂରରେ ହୁଡ଼ାର ଭଳି ପଟେ ସାର ଦେବ । ଏହାପରେ ହଳ ଦ୍ୱାରା ପଟି ମାଟି ଦେଇ ଆଳୁ ବିହନ ଓ ସାର ଉପରେ ଦୁଇତିନି ଇଞ୍ଚ ବହଳରେ ଦେଇଦେବ । ଏପରି କଲେ ଦୁଇ ଧାଡ଼ି ଉପରେ ହିଡ଼ଗୁଡ଼ିକ ଗୋଟିଏ ଲମ୍ବା ପାଳି ଦେଖାଯିବ ।

ଦେଖାଯାଇଛି ଯେ ଏ ନୂଆ ପ୍ରଣାଳୀରେ ଚାଷକଲେ ବେଶି ଆଳୁ ଫଳେ ।

—*—

## ଆମ୍ବ ଗଛରେ ଝିଣ୍ଟିକା; ଡି.ଡି.ଟି. ଛିଞ୍ଚି ଅଧିକ ଫଳ ହେବ

ଅନେକ ସମୟରେ ଦେଖାଯାଏ ଯେ, ଆମ୍ବଗଛ ବଉଳରେ ଭରି ହୋଇଥିଲେ ମଧ୍ୟ ସେଥିରେ ଫଳ ଧରୁନାହିଁ । ଅନେକ ସ୍ଥଳରେ ଆମ୍ବଗଛରେ ଝିଣ୍ଟିକା ଭଳି ଗୋଟିଏ ପ୍ରକାର ପୋକ ଲାଗନ୍ତି । ଏ ପୋକଗୁଡ଼ିକ ଆମ୍ବ ବଉଳକୁ ନଷ୍ଟ କରି ଦିଅନ୍ତି ।

ଆମ୍ବଗଛରେ ଶତକଡ଼ା ୦·୧୬ ହାରରୁ ୨୫ହାର ପର୍ଯ୍ୟନ୍ତ ଡି. ଡି. ଟି. ଛିଞ୍ଚିଲେ ବଉଳଗୁଡ଼ିକ ଏପରି ନଷ୍ଟ ହେବ ନାହିଁ । ବସନ୍ତ ଋତୁ ଆରମ୍ଭରେ ଆମ୍ବ ବଉଳିବା ମାତ୍ରେ ଡି. ଡି. ଟି. ଛିଞ୍ଚିବାକୁ ହେବ । ଏହି ପରିମାଣରେ ଡି. ଡି. ଟି. ଇମଲ୍‌ସନ୍ ବା ପାଣିରେ ମିଶିବା ଭଳି ଡି. ଡି. ଟି. ( ସୁପ୍ରା ସେଲ୍ ୫୦ ) ବ୍ୟବହାର କରିବାକୁ ହେବ ।

—*—

## ପାକିସ୍ଥାନର ସ୍ଥାନଚ୍ୟୁତ ବ୍ୟକ୍ତିଙ୍କ ପ୍ରତି

ପାକିସ୍ଥାନରୁ ସ୍ଥାନଚ୍ୟୁତ ହୋଇ ଓଡ଼ିଶାରେ ଆସି ରହୁଥିବା କୌଣସି ବ୍ୟକ୍ତିଙ୍କର ପାକିସ୍ଥାନ ସରକାରଙ୍କଠାରୁ ବା ସେହି ଦେଶର ସ୍ୱାୟତ୍ତଶାସନ କର୍ତ୍ତୃପକ୍ଷଙ୍କ ନିକଟରୁ ଯଦି କିଛି ପାଉଣା ଥାଏ, ତେବେ ସେମାନେ ତାହା ପାଇବା ଉଦ୍ଦେଶ୍ୟରେ ନିମ୍ନଲିଖିତ ଅନୁଚ୍ଛେଦ ସବୁରେ ଉଲ୍ଲେଖ ହୋଇଥିବା ସୁଯୋଗ ଗ୍ରହଣ କରନ୍ତୁ ।

ଭାରତ ଓ ପାକିସ୍ଥାନ ସରକାର ସ୍ଥିର କରିଛନ୍ତି ଯେ, ଭାରତୀୟ ଓ ପାକିସ୍ଥାନୀ ଠିକାଦାର ଓ ଅନ୍ୟମାନଙ୍କର ସରକାରୀ ବା ଅର୍ଦ୍ଧ-ସରକାରୀ ସ୍ୱାୟତ୍ତଶାସନ ଅନୁଷ୍ଠାନମାନଙ୍କ ଉପରେ ଥିବା ଦାବି ସବୁ "କେନ୍ଦ୍ରୀୟ କ୍ଲେମସ୍ ଅର୍ଗାନାଇଜେସନ୍" ଜରିଆରେ ପୂରଣ ପାଇଁ କାର୍ଯ୍ୟ କରିବାକୁ ହେବ । ଏହି ଉଦ୍ଦେଶ୍ୟରେ ଉକ୍ତ ଅନୁଷ୍ଠାନର କାର୍ଯ୍ୟର ପରିସର ବଢ଼ାଇ ଦିଆଯାଇଛି । ତଦନୁସାରେ ସରକାରୀ କର୍ମଚାରୀଙ୍କର ବେତନ, ପେନସନ, ପ୍ରଭିଡେଣ୍ଟ ଫଣ୍ଡ ଆଦି ସମ୍ପର୍କରେ ଦାବୀ ଓ କେନ୍ଦ୍ରୀୟ 'କ୍ଲେମସ୍ ଅର୍ଗାନାଇଜେସନ୍'ରେ ସରକାରୀ ଓ ସ୍ୱାୟତ୍ତଶାସନ କର୍ମଚାରୀଙ୍କ ଦ୍ୱାରା ପୂରଣ ପାଇଁ ଦିଆଯାଇ ସାରିଥିବା ଦାବି ସବୁ ଛଡ଼ା ଏହି ଅନୁଷ୍ଠାନ ସରକାରୀ, ଅର୍ଦ୍ଧ-ସରକାରୀ ଓ ସ୍ୱାୟତ୍ତଶାସନ ଅନୁଷ୍ଠାନମାନଙ୍କ ଉପରେ ଥିବା ନିମ୍ନଲିଖିତ ଦାବି ସବୁ ବିଚାର କରିପାରିବେ :—

(୧) ଠିକାଦାରମାନେ ଯୋଗାଇଥିବା ପଦାର୍ଥ, କରିଥିବା କାର୍ଯ୍ୟ, ବଣ୍ଟଣି ଟଙ୍କା, ଜମାନତ ଫେରସ ଇତ୍ୟାଦି ସମ୍ବନ୍ଧୀୟ (ରାଜ୍ୟ ସରକାର ଓ ସ୍ୱାୟତ୍ତଶାସନ ସମେତ) ଦାବି । ଆଉ ମଧ୍ୟ ବଳକା ପଦାର୍ଥସବୁ ଅନୁପଲବ୍ଧ ଧନ ଜମାନତ୍ ଫେରସ ଦାବି ।

(୶) ଖାଦ୍ୟ ଦ୍ରବ୍ୟ କଣ୍ଟ୍ରୋଲ ଦୋକାନ, ଖାଦ୍ୟଶସ୍ୟ ସିଣ୍ଡିକେଟ, ମଦ ଦୋକାନ ସଂପର୍କରେ ଜମା ରଖାଯାଇଥିବା ଅମାନତ (ସିକ୍ୟୁରିଟି) ଟଙ୍କା ବାବଦରେ ଦାବି ।

(୷) ଟେଭସ୍ ଠିକାଦାରଙ୍କ ଦ୍ୱାରା ଜମା ଦିଆଯାଇଥିବା ଅମାନତ ଟଙ୍କା ସଂପର୍କରେ ଦାବି ।

(୲) ସ୍ଥାନଚ୍ୟୁତ ବ୍ୟକ୍ତିମାନଙ୍କର କୋର୍ଟ ଡିପୋଜିଟ, କୋର୍ଟ ମାରଫତରେ ନାବାଳକ ଓ ଅନ୍ୟାନ୍ୟମାନଙ୍କର ଡିପୋଜିଟ, କୋର୍ଟ ଅଫ୍ ଓ୍ୱାର୍ଡସ୍, କୋର୍ଟ ଅଫ ଓ୍ୱାଡ୍ସ୍ ମାରଫତରେ ଥିବା ଡିପୋଜିଟ ଓ ଯେଉଁ ସବୁ ଅଞ୍ଚଳରୁ ବହୁସଂଖ୍ୟକ ଲୋକ ପଳାଇ ଯାଇ ନାହାନ୍ତି, ସେ ଅଞ୍ଚଳର ଏନକମ୍ବର୍ଡ଼ ଇଷ୍ଟେଟ ମ୍ୟାନେଜରମାନଙ୍କ ପାଖରେ ରହିଥିବା ଡିପୋଜିଟ୍ ଓ ଯେଉଁସବୁ ଅଞ୍ଚଳରେ ବହୁସଂଖ୍ୟକ ଲୋକ ଯାଇଛନ୍ତି ସେ ସବୁ ଅଞ୍ଚଳରେ କୋର୍ଟ ଡିପୋଜିଟ୍ ସଂପର୍କରେ ଅଗ୍ରହାନ୍ୱିତ ଥିବା ଏକ ବା ତତୋଧିକ ବ୍ୟକ୍ତି ଓ ଅନୁଷ୍ଠାନ ପଳାତକ ନ ହୋଇଥିଲେ ସେମାନଙ୍କର ଦାବି ।

(୲୵) ଦାବିଦାର ମାନଙ୍କର କୋର୍ଟରେ ଗଚ୍ଛିତ ଡିପୋଜିଟ୍ ଦାବି, ସରକାର ଓ ଅର୍ଦ୍ଧ-ସରକାରଙ୍କ ବିରୁଦ୍ଧରେ ଡିକ୍ରୀଦାରମାନଙ୍କ ପାଇଁ ଦିଆଯାଇଥିବା ଡିକ୍ରୀ ବାବଦରେ ଦାବି ।

(୲୶) ରେଲୱେ ସମବାୟ ସମିତି ସମେତ ସମବାୟ ଅନୁଷ୍ଠାନମାନଙ୍କ ଦ୍ୱାରା ଦେବାକୁ ଥିବା ଦାବିଦାରଙ୍କ ପାଉଣା ବାବଦ ଦାବି ଓ କେନ୍ଦ୍ର-ସରକାରଙ୍କ ଅମଲଙ୍କ ଆବଶ୍ୟକତା ପୂରଣଥିବା, ଅବିଭକ୍ତ ବଙ୍ଗ ପ୍ରଦେଶର ଓ ଆସାମର ସମବାୟ ଅନୁଷ୍ଠାନମାନଙ୍କ ଉପରେ ଥିବା ଦାବି ।

ଟିପ୍ପଣୀ

ଅବିଭକ୍ତ ବଙ୍ଗଳା ଓ ଆସାମ, ୧୯୪୯ ଅପ୍ରେଲର ବ୍ୟାଙ୍କ ଏଗ୍ରିମେଣ୍ଟ କାର୍ଯ୍ୟକାରୀ ହେଉଥିବା ଅଞ୍ଚଳ (ଉପରୋକ୍ତ ଅଞ୍ଚଳ ବାଂଲାର)ରେ ଥିବା ସମବାୟ ସମିତିମାନଙ୍କ ଉପରେ ଦାବୀଗୁଡ଼ିକୁ ଉପସ୍ଥିତ ବ୍ୟବସ୍ଥା ଅନୁସାରେ ବଙ୍ଗ ଓ ପଞ୍ଜାବ ଉଭୟ ପ୍ରଦେଶମାନଙ୍କ ମଧ୍ୟରେ ପୃଥକ୍‌ଭାବେ ନିଷ୍ପତ୍ତି ହେବ ।

(୲୷) ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ଦରମା, ଛୁଟିକାଳୀନ ଦରମା ଓ ପ୍ରଭିଡେଣ୍ଟ ଫଣ୍ଡ ଆଦି ସମେତ ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କ ପାଉଣା ।

(୳) ବିଶ୍ୱବିଦ୍ୟାଳୟମାନଙ୍କରୁ ଫେରସ୍ତ ପାଇବା ପାଇଁ ଦାବି କରାଯାଇଥିବା ପରୀକ୍ଷା ଫିସ୍ ।

(୳୵) ବଣ୍ଟାଦାରମାନଙ୍କୁ ଦେବାକୁ ଥିବା ସେକ୍ୟୁରିଟି ଡିପୋଜିଟ୍ ।

(୳୶) ଶ୍ରମିକଙ୍କର ସ୍ୱାସ୍ଥ୍ୟ ବୃତ୍ତି ।

(୳୷) ଭାରତ ରିଜର୍ଭ ବ୍ୟାଙ୍କର ଭୂତପୂର୍ବ କର୍ମଚାରୀମାନଙ୍କର ପ୍ରଭିଡେଣ୍ଟ ଫଣ୍ଡ ପାଉଣା ଏବଂ ପେନସନ ସଂପର୍କିତ ଦାବି ।

(୴) ପାକିସ୍ଥାନରେ ଥିବା ସରକାରୀ ଓ ଅର୍ଦ୍ଧ-ସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ଅଧିକୃତ ଯୌଥ ଭାଗିଦାର କଂପାନୀର ସମ୍ପତ୍ତିର କ୍ଷତିପୂରଣ ।

(୴୵) ଛେଗେବୁ ଦେଶସ୍ଥ ବା ନଷ୍ଟ ହେଉ ନୋଟ୍ ସବୁର ମୂଲ୍ୟ ଫେରସ୍ତ କରିବା ପାଇଁ କରାଯାଇଥିବା ଦାବି ।

ଉପରୋକ୍ତ ବ୍ୟବସ୍ଥାମତେ ସ୍ଥିର ହୋଇଛି ଯେ ସରକାରୀ ଓ ଅର୍ଦ୍ଧ-ସରକାରୀ ଅନୁଷ୍ଠାନମାନଙ୍କଠାରୁ ଦାବିଦାରମାନଙ୍କର ଯେଉଁ ଟଙ୍କା ପାଇବାର କଥା, ତାହା କଷ୍ଟୋଡିଆନଙ୍କ ପାଖରେ ଜମା ବା ଡିପୋଜିଟ୍ ରହିବ ନାହିଁ; ପଶ୍ଚାତ୍‌ରେ ସଂପୃକ୍ତ କର୍ତ୍ତୃପକ୍ଷମାନେ ଟଙ୍କା ଦେଇଦେବା ପାଇଁ ଅନୁମତି ପତ୍ର ଦେବା ପରେ "କେନ୍ଦ୍ର, ଦାବି ଅନୁଯାୟୀ" ଲଗଣାରେ ଦାବିଦାରମାନଙ୍କୁ ଟଙ୍କା ଦିଆଯିବ । ଅନ୍ତର ମଧ୍ୟ ଦାବିଦାରମାନଙ୍କର ଯେଉଁ ସବୁ ଦେୟ ଟଙ୍କା କଷ୍ଟୋଡିଆନଙ୍କ ନିକଟରେ ଜମା ବା

ଡିପୋଜିଟ୍ ହୋଇ ରହିଥିବ, ସେ ସବୁ ମଧ୍ୟ କେନ୍ଦ୍ର ଦାବୀ ଅନୁଷ୍ଠାନ ଜରିଆରେ ଦେବାକୁ ହେବ ।

ଏ ପର୍ଯ୍ୟନ୍ତ ଯେଉଁସବୁ ନିର୍ଦ୍ଦେଶ ଦିଆଯାଇଥିଲା, ଏ ସବୁ ନିର୍ଦ୍ଦେଶାବଳୀରେ ସେ ସବୁ ରଦ୍ଦ କରାଗଲା । ଆହୁରି ମଧ୍ୟ ଏଥିରେ ଉଲ୍ଲିଖିତ ହୋଇଥିବା ବ୍ୟବସ୍ଥାଗୁଡ଼ିକ ସହିତ ଯେଉଁ ନିର୍ଦ୍ଦେଶ ଗୁଡ଼ିକର ସାମଞ୍ଜସ୍ୟ ନ ଥିବ, ସେ ଗୁଡ଼ିକ ମଧ୍ୟ ରଦ୍ଦ କରାଗଲା ।

ଅବିଭକ୍ତ ଭାରତ ସରକାରଙ୍କ ଉପରେ ଯେଉଁ ପାକିସ୍ଥାନୀ ଠିକାଦାରମାନଙ୍କର ଦାବୀ ଥିବ ଓ ସେ ଦାବୀଗୁଡ଼ିକ ଭିତରୁ ଯେଉଁ ଗୁଡ଼ିକ ଭାରତ ସରକାରଙ୍କର ୧୯୪୮ ମଇ ୨୨।୨୩ ତାରିଖରେ ପ୍ରେସ ନୋଟ ଅନୁସାରେ ଭାରତରେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ ହୋଇ ସାରିଥିବ, ସେ ସ୍ଥଳରେ ନୂଆ ଦାବୀ ପାଇଁ ଦରଖାସ୍ତ ଦେବାକୁ ହୁଆଯିବ ନାହିଁ । ଯେଉଁ ସ୍ଥଳରେ ଦାବୀଗୁଡ଼ିକର ମୁକାବିଲା ହୋଇଯାଇଥିବ ସେ ସ୍ଥଳରେ "କେନ୍ଦ୍ର ଦାବୀ ଅନୁଷ୍ଠାନ" (ସେଣ୍ଟ୍ରାଲ କ୍ଲେମସ୍ ଅର୍ଗାନାଇଜେସନ୍) ଜରିଆରେ ଟଙ୍କା ଦେବାର ଅନୁମତିପତ୍ର ସଙ୍ଗେ ସଙ୍ଗେ ଦିଆଯିବ । କିନ୍ତୁ ଯେଉଁ ସ୍ଥଳରେ କୌଣସି ତଥ୍ୟ ମିଳୁ ନ ଥିବ, ସେ ସ୍ଥଳରେ "କେନ୍ଦ୍ର ଦାବୀ ଅନୁଷ୍ଠାନ" ଜରିଆରେ ଏ ବିଷୟରେ ଆହୁରି ଅନୁସନ୍ଧାନ କରାଯାଇପାରେ ।

"କେନ୍ଦ୍ର ଦାବୀ ଅନୁଷ୍ଠାନ" ଜରିଆରେ ଯେଉଁ ଦାବୀ ଦାଖଲ କରାଯାଇଥିବ, ସେ ଦାବୀରୁ ଆୟକର ଦେୟ ବାବଦରେ କିଛି କଟାଯିବ ନାହିଁ କିମ୍ବା ଏ ଭଳି ସ୍ଥଳରେ ଇନ୍‌କମ ଟ୍ୟାକ୍ସ କ୍ଲିଅରାନ୍ସ ସାର୍ଟିଫିକେଟ ଦାଖଲ କରିବା ଦରକାର ପଡ଼ିବ ନାହିଁ ।

ନଗଦ ଟଙ୍କା, ସିକ୍ୟୁରିଟି, ବୀମା ପଲିସି, ସେଭିଂସ୍ ସାର୍ଟିଫିକେଟ, ସେଭିଂସ୍ ବ୍ୟାଙ୍କ ଆକାରରେ ଯେଉଁସବୁ ସିକ୍ୟୁରିଟି ଡିପୋଜିଟ୍ ଠିକାଦାରମାନେ ଡିପୋଜିଟ୍ କରିଥିବେ ବା ହସ୍ତାନ୍ତର କରିଥିବେ, ସେପରି ସ୍ଥଳରେ ସ୍ଥିର ହୋଇଛି ଯେ ଡିପୋଜିଟ୍ ରଖିଥିବା ଲୋକମାନେ ଦେଶ ଛାଡ଼ି ପଳାଇ ଯାଇଥିବା କାରଣରୁ ଚୁକ୍ତିର ସର୍ତ୍ତ ପୂରଣ କରିପାରୁ ନ ଥିବା ଯୋଗୁଁ ସେମାନଙ୍କୁ ଅର୍ଥଦଣ୍ଡ ଦିଆଯିବ ନାହିଁ । ଯେଉଁ ଚୁକ୍ତି ଅନୁସାରେ ସିକ୍ୟୁରିଟି ଡିପୋଜିଟ୍ ରଖା ଯାଇଥିବ ସେ ଚୁକ୍ତି ଅନୁସାରେ ହିସାବ ମଞ୍ଜୁର ହୋଇ ସାରିବା ପରେ ଏ ସବୁ ଡିପୋଜିଟ୍, ଡିପୋଜିଟ୍ କରିଥିବା ଲୋକମାନଙ୍କୁ ଫେରାଇ ଦିଆଯିବ । ସେହିପରି ବ୍ୟକ୍ତିଗତ ସିକ୍ୟୁରିଟିର ମୁଚୁଲିକାକୁ ମଧ୍ୟ ବାତିଲ କରାଯିବ ଓ ଜାମିନଦାର ପ୍ରତିନିଧିମାନଙ୍କ ଜରିଆରେ ସଂପୃକ୍ତ ବ୍ୟକ୍ତି ବା ଅନୁଷ୍ଠାନମାନଙ୍କୁ ଫେରାଇ ଦିଆଯିବ ।

ପ୍ରଥମ ଅନୁଚ୍ଛେଦର (୬), (୭) ଓ (୮)ରେ ଯେଉଁସବୁ ଦାବୀ ଉଲ୍ଲିଖିତ ହୋଇଛି, ଆସାମ ଓ ବିଭକ୍ତ ହୋଇଥିବା ପଞ୍ଜାବ ଓ ବଙ୍ଗ ସରକାର ଉପରେ ସେ ସବୁ ଦାବୀ କରାଗଲେ 'କେନ୍ଦ୍ର ଦାବୀ ଅନୁଷ୍ଠାନ' ସେ ସବୁ ଗ୍ରହଣ କରିବେ ନାହିଁ । ଏ ପ୍ରକାର ଦାବୀ ତୁଟାଇବା ପାଇଁ ଏ ସବୁ ପ୍ରଦେଶ ନିଜ ନିଜର ବ୍ୟବସ୍ଥା କରୁଛନ୍ତି । ଟଙ୍କା ଦେବା ସକାଶେ ଆଦେଶ ଦେବାପାଇଁ ସଂପୃକ୍ତ ସରକାରଙ୍କ ତରଫରୁ କର୍ତ୍ତୃପକ୍ଷ ନିଯୁକ୍ତ ହୋଇଛନ୍ତି । ସେମାନେ ଯେଉଁ ଆଦେଶ ଦେବେ, ଏ ସବୁ କ୍ଷେତ୍ରରେ ସେହି ଆଦେଶ ଅନୁସାରେ ଟଙ୍କା ଦିଆଯିବ । ଏ ବିଷୟରେ "ପଳାତକ-ସଂପର୍କ କଷ୍ଟୋଡିଆନ୍" ହସ୍ତକ୍ଷେପ କରିବେ ନାହିଁ ।

—*—

## କୋଇଲା ଯୋଗାଣ

ଓଡ଼ିଶା ସରକାରଙ୍କ ଯୋଗାଣ ବିଭାଗ ତରଫରୁ ନିମ୍ନଲିଖିତ ପ୍ରେସ ନୋଟ ପ୍ରକାଶିତ ହୋଇଛି:—

ଡେପୁଟୀ କୋଲ୍ କମିସନର (ବଣ୍ଟନ) ୧, କାଉନ୍ସିଲ ହାଉସ୍ ଷ୍ଟ୍ରୀଟ୍, କଲିକତା ସ୍ଥିର କରିଛନ୍ତି ଯେ କୋଇଲାର ନୂଆ ଗ୍ରାହକମାନଙ୍କ ଭିତରୁ ଯେଉଁମାନେ ଇଟା ପୋଡ଼ିବା ପାଇଁ କୋଇଲା ନେବାକୁ ଚାହାନ୍ତି, ସେମାନେ ତାଙ୍କ ଅଫିସକୁ ଦରଖାସ୍ତ କରନ୍ତୁ । ଦରଖାସ୍ତ କଲେ ବଗଡ଼ା ରେଳଗାଡ଼ି ପାଇଁ ମଞ୍ଜୁର ଦିଆଯିବ । ୧୯୫୫ ଜୁଲାଇ-ଅକ୍ଟୋବର ମାସରେ କୋଇଲା ବ୍ୟବହାର କରିବା ପାଇଁ ଉକ୍ତ ବଗଡ଼ା ରେଳଗାଡ଼ିର ବ୍ୟବସ୍ଥା କରାଯିବ । ଏଥିପାଇଁ ସେମାନଙ୍କୁ ଉତ୍କଳର ଷ୍ଟେଟ୍ କୋଲ୍ କଣ୍ଟ୍ରୋଲରଙ୍କଠାରୁ ସୁପାରିଶ ଆଣିବା ଦରକାର ନାହିଁ । କିନ୍ତୁ ସେମାନଙ୍କର କେତେ ଓ୍ୱାଗନ୍ ଦରକାର ଦରଖାସ୍ତରେ ତାହାର ସବିଶେଷ ବିବରଣୀ ଦେବାକୁ ହେବ । ଏଥିପୂର୍ବରୁ ଷ୍ଟେଟ୍ କୋଲ୍ କଣ୍ଟ୍ରୋଲର ସେମାନଙ୍କୁ ଚାହିଁବା ପରମିଟ୍ ଦେଇ ନ ଥିଲେ, ଦରଖାସ୍ତରେ ତାହାର ବିବରଣ ଉଲ୍ଲେଖ କରିବାକୁ ହେବ । ବଗଡ଼ା ରେଳଗାଡ଼ି ଭିତରୁ ପାଞ୍ଚରୁ ଅଧିକ ଗାଡ଼ି ନୂଆ ଗ୍ରାହକମାନଙ୍କୁ ଦିଆଯିବ ନାହିଁ ବୋଲି ସ୍ଥିର ହୋଇଛି ।

ନୂଆ ଲୋକଙ୍କୁ ଇଟାପୋଡ଼ା କୋଇଲା ଯୋଗାଇବା ପାଇଁ ଯେଉଁସବୁ କୋଇଲା ଖଣି କର୍ତ୍ତୃପକ୍ଷଙ୍କୁ କୁପନ୍ ଦିଆଯାଇଛି, ଦରଖାସ୍ତକାରୀମାନଙ୍କୁ ସେମାନଙ୍କଠାରୁ ବଗଡ଼ା ରେଳଗାଡ଼ି ସଂକ୍ରାନ୍ତ କୁପନ୍ ଆଣିବାକୁ ହେବ ଓ ନିଜ ନିଜର ଦରଖାସ୍ତ ସହିତ ସେ କୁପନକୁ ୧୯୫୫ ଜୁଲାଇ ୩୧ ତାରିଖ ଭିତରେ କଲିକତାରେ ଥିବା ଡେପୁଟୀ କୋଲ୍ କମିସନରଙ୍କ ନିକଟରେ ଦାଖଲ କରିବାକୁ ହେବ । ତାହାହେଲେ ସେମାନଙ୍କ ପାଇଁ ରେଳଗାଡ଼ି ମଞ୍ଜୁର କରାଯିବ । ରାଜ୍ୟର ସାଧାରଣ କୋଟା ବାବଦରେ ଯେଉଁ କୁପନ୍ ଦିଆଯାଏ, ନୂଆ ଲୋକଙ୍କୁ ସେ କୁପନ୍ ମଞ୍ଜୁର କରାଯିବ ନାହିଁ ।

# କଟକ ବଜାର ଦର

## ( ୧୯୫୫ ଅପ୍ରେଲ ଓ ମେ )

ଅପ୍ରେଲ ଓ ମେ' ମାସରେ ବଜାର ଦର ଭଲ ଥିଲା । ମଫସଲ ଅଞ୍ଚଳମାନଙ୍କର ଲୋକେ ଧାନ ଓ ଚାଉଳ କିଣିବାକୁ ଚାହିଁଥିଲେ । ଦକ୍ଷିଣ-ଭାରତରୁ ଓଡ଼ିଶାର ଭଲ ପାଇଁ ଚାହିଦା ହୋଇଥିଲା । ତେଣୁ ମୂଲ୍ୟ କିଛିଏ ଚଢ଼ା ହୋଇଥିଲା । ତେଲ ଓ ତେଲବୀଜ-ମାନଙ୍କର ମୂଲ୍ୟ ମଧ୍ୟ ଚଢ଼ା ହୋଇଥିଲା ।

### ଧାନ ଓ ଚାଉଳ

ଏ ଦୁଇ ମାସରେ ବଜାରକୁ ଧାନ ଓ ଚାଉଳ ଆସିବା କମିଯାଏ, ତେଣୁ ଧାନ ଚାଉଳର ଦାମ ବଢ଼ିଯାଏ । ଏ ବର୍ଷ ମଫସଲ ଅଞ୍ଚଳମାନଙ୍କର ଚାହିଦା ଯୋଗୁଁ ଧାନ ଚାଉଳର ଦାମ ବଢ଼ି ଯାଇଥିଲା । କଲିକତାରେ ଥିବା କେନ୍ଦ୍ର ରିଜର୍ଭ ଭଣ୍ଡାରରୁ ସରକାର ଧାନ ଚାଉଳ ଅଣାଇବାର ସ୍ଥିର କରିଥିଲେ; କିନ୍ତୁ ତାହା ଆସି ପହଞ୍ଚିନାହିଁ । ଖୋର୍ଦ୍ଧା ରୋଡ଼, ବଲାଙ୍ଗୀର ଓ ବ୍ରହ୍ମପୁରରୁ ଧାନ ଚାଉଳ ଯେତେ ପରିମାଣରେ ଆମଦାନୀ କରାଯାଏ, ସେତେ ପରିମାଣରେ ଆମଦାନୀ ହୋଇ ପାରି ନ ଥିଲା । କେନ୍ଦୁଝର ଜିଲ୍ଲାର କେତେ ଅଞ୍ଚଳମାନଙ୍କୁ କଟକରୁ ଧାନ ଚାଉଳ ପଠାଯାଇଥିଲା । କଟକକୁ ଅପ୍ରେଲ ମାସରେ ୬୧୧୦ ମହଣ ଧାନ ଓ ୪୩୦୦ ମହଣ ଚାଉଳ ଆମଦାନୀ ହୋଇଥିଲା, ମେ ମାସରେ ଆମଦାନୀ ହୋଇଥିଲା ୨୦୦୦ ମହଣ ଧାନ ଓ ୪୩୦୦ ମହଣ ଚାଉଳ । ଅପ୍ରେଲ ମାସରେ ମୋଟା ଚାଉଳ କଟକ ମହଣରେ ଦାମ ଟ୧୫। ରୁ ଟ୧୬। ପର୍ଯ୍ୟନ୍ତ ହୋଇଥିଲା । ସରୁ ଚାଉଳର ଦାମ ମହଣ ପ୍ରତି ଟ୧୮୷ରୁ ବଢ଼ି ଟ୧୯୷ ହୋଇଥିଲା । ମେ ମାସରେ ମୋଟା ଚାଉଳର ଅପ୍ରେଲ ମାସ ଦାମ ଉପରେ ୧୦.୨ ବଢ଼ିଥିଲା ଏବଂ ସରୁ ଚାଉଳର ଦାମ ୩.୭ ବଢ଼ିଥିଲା । ଅପ୍ରେଲ ମାସରେ ୧୬୮ ମହଣ ଧାନ ଓ ୧୨୦୯ ମହଣ ଚାଉଳ ଏବଂ ମେ ମାସରେ ୨୫୨ ମହଣ ଧାନ ଓ ୨୩୭୬ ମହଣ ଚାଉଳ ରପ୍ତାନି ହୋଇଥିଲା ।

### ଗହମ ଓ ଗହମଜାତ ପଦାର୍ଥ

କେନ୍ଦ୍ର ରିଜର୍ଭ ଭଣ୍ଡାରରୁ ଅପ୍ରେଲ ମାସରେ ୧୦,୦୨୦ ମହଣ ଗହମ ମିଳିଥିଲା । ଏହାଛଡ଼ା ମୁକ୍ତ ବାଣିଜ୍ୟ ସୂତ୍ରରେ ୧୦୩୮୦ ମହଣ ଗହମ ଭାରତର ପ୍ରାନ୍ତରୁ ଅଣା ଯାଇଥିଲା । ତେଣୁ ଗହମର ମୂଲ୍ୟ ହ୍ରାସ ହୋଇଥିଲା । ଅପ୍ରେଲରେ ଗହମର ମୋଟା ଦର ମହଣ ପ୍ରତି ଟ୧୪୯ ଥିବାସ୍ଥଳେ ମେ ମାସରେ ଟ୧୨୪ ହୋଇଥିଲା । କଟକରୁ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନକୁ ଅପ୍ରେଲ ଓ ମେ ମାସରେ ଯଥାକ୍ରମେ ୩୪୩୫ ଓ ୫୯୦ ମହଣ ରପ୍ତାନି କରାଯାଇଥିଲା । ମୁକ୍ତ ବାଣିଜ୍ୟ ସୂତ୍ରରେ ଗହମ ମିଳିବାରୁ କଟକ ମିଲମା ଅଟା ଓ ମଇଦା କଳରେ ମଇଦା ଓ ସୁଜି ପ୍ରସ୍ତୁତ ହୋଇଥିଲା । ଅପ୍ରେଲରେ କଟକକୁ ୨୪୨୪ ମହଣ ଅଟା ଓ ୧୧୯୦ ମହଣ ମଇଦା ଆମଦାନି ହୋଇଥିଲା । ମେ'ରେ ହୋଇଥିଲା ୨୩୫୨ ମହଣ ଅଟା ଓ ୧୩୩୭ ମହଣ ମଇଦା । ଅଟା ଓ ମଇଦାର ଦର ମହଣ ପିଛା ଅପ୍ରେଲରେ ଟ୧୫୬ ଓ ଟ୧୯୬ ଥିବାସ୍ଥଳେ ମେ'ରେ ଟ୧୩୪ ଓ ଟ୧୮୬ ହୋଇଥିଲା ।

## ରବି ଓ ଡାଲି

ଚଣା, ମୁଗ, ବିରିଡାଲି ଓ ମୁଗଡାଲି ଦକ୍ଷିଣ-ଭାରତକୁ ଓ ସିଂହଳର ବନ୍ଦର ସ୍ଥାନକୁ ରପ୍ତାନି କରାଯାଇଥିଲା । କୋଳଥର ଦାମ ଚଢ଼ା ହୋଇଥିଲା । ପ୍ରାୟ ଦ୍ରବ୍ୟମାନଙ୍କର ଦାମ ବଢ଼ିଥିଲା । ମୁଗ ଦାମ ବଢ଼ି ନ ଥିଲା । ଏ ଦୁଇ ମାସରେ ହରଡ଼ ଡାଲି, ବୁଟ ଡାଲି ଓ ବୁଟ ବିଶେଷ ପରିମାଣରେ ଆମଦାନୀ କରାଯାଇଥିଲା । ଅପ୍ରେଲ ଅପେକ୍ଷା ମେ ମାସରେ ଦାମ କମିଥିଲା ।

### କଟକୀ ମହଣର ମୂଲ୍ୟ

| ଜିନିଷର ନାମ | ଅପ୍ରେଲରେ ମୂଲ୍ୟ | ମେ'ରେ ମୂଲ୍ୟ |
|---|---|---|
| ଚଣା | ଟ ୧୧୫୵ | ଟ ୧୨୫ |
| ମୁଗ | ଟ ୧୧୷ | ଟ ୧୦୫ |
| କୋଳଥ | ଟ ୬୫ | ଟ ୭୫୷ |
| ବୁଟ | ଟ ୧୬୲ | ଟ ୧୦୫ |
| ବୁଟ ଡାଲି | ଟ ୧୨୫ | ଟ ୧୬। |
| ହରଡ଼ ଡାଲି | ଟ ୧୬। | ଟ ୧୫୲ |
| ମସୁର ଡାଲି | ଟ ୧୫୲ | ଟ ୧୫୲ |

### ଆମଦାନୀ ଓ ରପ୍ତାନି
( ଆଦର୍ଶ ମହଣ )

| ଜିନିଷର ନାମ | ଅପ୍ରେଲ | | ମେ | |
|---|---|---|---|---|
| | ଆମଦାନି | ରପ୍ତାନି | ଆମଦାନି | ରପ୍ତାନି |
| ଚଣା | ୧୧୨୭ | ୭୨ | ୮୫୩୭ | ୫୦୦ |
| ମୁଗ | ୪୩୭ | ୩୫୭ | ୪୨୭ | ୮୯୨ |
| କୋଳଥ | ୨୧୧୨ | — | ୫୦୮ | — |
| ବୁଟ | ୧୭୭୨ | ୪୦ | ୪୭୮୮ | ୨·୭ |
| ବିରିଡାଲି | — | ୨୦୦୮ | — | ୩୦୧୭ |
| ବୁଟଡାଲି | ୩୯୧୮ | ୨୮ | ୩୪୩୩ | ୧୯୭ |
| ହରଡ଼ଡାଲି | ୭୪୨୦ | ୧୨୭ | ୪୫୯୪ | ୩୦୮ |
| ମୁଗଡାଲି | — | ୭୯୧ | — | ୯୮ |
| ମସୁରଡାଲି | — | ୮୨ | ୯୦୪ | — |

## ତୈଳ ଓ ତୈଳବୀଜ

କେବଳ ସୋରିଷ ତେଲକୁ ଛାଡ଼ିଦେଲେ ଅନ୍ୟାନ୍ୟ ସବୁ ତେଲର ଦାମ ବଢ଼ିଥିଲା । ବାଦାମ ତେଲର ଦାମରେ କମ ବେଶି ହୋଇ ନ ଥିଲା । ଅପ୍ରେଲରେ ସୋରିଷ ତେଲ ମହଣ ପିଛା ଟ ୩୲ କମିଥିଲା । ତାହାରୁ ବହୁପରିମାଣରେ ସୋରିଷ ତେଲ ଆମଦାନୀ ହେବାରୁ ଏ ପରିସ୍ଥିତି ଘଟିଥିଲା । ବାଦାମ ତେଲର ଦାମ କଟକୀ ମହଣ ପିଛା ଟ ୩୲, ନଡ଼ିଆ ତେଲ ଟ ୫୫ ଓ ଜଡ଼ା ତେଲ ଟ ୪୲ ହାରରେ ବଢ଼ିଥିଲା । କିନ୍ତୁ ଏ ଦୁଇମାସ ମଧ୍ୟରେ ସୋରିଷ ତେଲ ମହଣ ପିଛା ଟ ୯୲ କରି କମି ଥିଲା ।

### କଟକୀ ମହଣର ଦାମ୍

| ଜିନିଷର ନାମ | ଅପ୍ରେଲ | ମେ |
|---|---|---|
| ସୋରିଷ | ଟ ୨୨୲ | ଟ ୨୦୲ |
| ଚିନାବାଦାମ | ଟ ୧୪୲ | ଟ ୧୪୲ |
| ସୋରିଷ ତେଲ | ଟ ୭୨୲ | ଟ ୬୩୲ |
| ବାଦାମ ତେଲ | ଟ ୩୮୲ | ଟ ୫୧୲ |
| ନଡ଼ିଆ ତେଲ | ଟ ୭୮୲ | ଟ ୮୨୲ |
| ଜଡ଼ା ତେଲ | ଟ ୩୪୲ | ଟ ୩୮୲ |

### ଆମଦାନୀ ରପ୍ତାନୀ
(ବାଲେଶ୍ୱର ମହଣ)

| ଜିନିଷର ନାମ | ଅପ୍ରେଲ | ମେ |
|---|---|---|
| ସୋରିଷ | ୧୭୯୮ | ୨୨୩୨ |
| ସୋରିଷ ତେଲ | ୧୬୦୩୯ | ୧୯୧୧୮ |
| ବାଦାମ ତେଲ | ୩୮୯୭ | ୫୩୦୭ |
| ନଡ଼ିଆ ତେଲ | ୪୬୧୩ | ୨୫୭୭ |

## ଚିନି ଓ ଗୁଡ଼

ଚିନି ଯଥେଷ୍ଟ ପରିମାଣରେ ମିଳୁଥିଲା । ଦେଶୀ ଚିନିର ଚାହିଦା ଖୁବ୍ ଥିଲା । ମୋଟାଦାନା ଚିନିର ମୋଟାଦର ଦାମ ମହଣକେ ଟ ୧୫ ଓ ସରୁଦାନା ଚିନିର ମୋଟାଦର ଦାମ ମହଣକେ ଟ ୦୫୷ କମିଥିଲା । ଖୁଚୁରା ଦର ଅପରିବର୍ତ୍ତିତ ରହିଥିଲା । ଅପ୍ରେଲରେ କଟକକୁ ୧୬୮୪୩ ମହଣ ଓ ମେ ମାସରେ ୧୦୯୧୪ ମହଣ ଗୁଡ଼ ଆମଦାନୀ ହୋଇଥିଲା ଏବଂ କଟକରୁ ଏହି ଦୁଇ ମାସରେ ଯଥାକ୍ରମେ ୧୯୦ ଓ ୪୭୫ ମହଣ ରପ୍ତାନି ହୋଇଥିଲା ।

ଅପ୍ରେଲରେ ଦେଶୀ ଗୁଡ଼ ପ୍ରଚୁର ବଜାରକୁ ଆସିଥିଲା । ମେ ମାସରେ ପରିମାଣ କମିଥିଲା । ଅଣଛଣା ଗୁଡ଼ ଆସିଥିବାରୁ ଗୁଡ଼ ଦର ଟ '୪୲ରୁ ଟ ୧୩୫ରୁ କମି ଥିଲା । ଅଣଛଣା ଗୁଡ଼ ଅପ୍ରେଲରେ ମହଣ ପିଚ୍ଛା ଟ ୧୪୲ ଥିଲା, ଅପ୍ରେଲ ଶେଷକୁ ଟ ୧୩୫ ହୋଇଥିଲା । ମେ'ରେ ଦାମ ବୃଦ୍ଧି ଟ ୧୪୲ ହୋଇଥିଲା । କଟକରୁ ୧୯୨୨ ମହଣ ଗୁଡ଼ ଅପ୍ରେଲରେ ଓ ୪୨୭୦ ମହଣ ମେ ରେ ଆମଦାନି ହୋଇଥିଲା । ଅପ୍ରେଲରେ କଟକରୁ ୭୪୨ ମହଣ ଗୁଡ଼ ରପ୍ତାନି ହୋଇଥିଲା ।

## ଲୁଣ

ନଇପଡ଼ା'ରୁ କଟକକୁ ବରାବର ଲୁଣ ଆସେ । ଏ ଦୁଇ ମାସରେ ଆଦୌ ଆସି ନ ଥିଲା । କେବଳ ଇଚ୍ଛାପୁର ଓ ଗଞ୍ଜାମରୁ ଲୁଣ ଆସିଥିଲା । ଅପ୍ରେଲରେ ୧୯୫୦୦ ମହଣ ଓ ମେ ରେ ୨୨୮୦୦ ମହଣ ଆମଦାନି ହୋଇଥିଲା । ସଫା ଲୁଣର ମହଣରେ ଟ ୦।୵ ଓ କଚ୍ଚା ଲୁଣର ମହଣରେ ଟ ୦୵ ଦାମ୍ ବଢ଼ିଥିଲା । ମେ ଶେଷରେ ସଫା ଲୁଣର କଟକୀ ମହଣ ଟ ୩।୵ ଓ କଚ୍ଚା ଲୁଣ ଟ ୩୲ ଥିଲା ।

## ମସଲା

ମୋଟରେ; ହଳଦୀ ଓ ଧନିଆର ମୂଲ୍ୟ ବଢ଼ିଥିଲା । ଗୁଆ, ଜିରା ଓ ଲଙ୍କାମରିଚର ଦାମ କମିଥିଲା । ଅପ୍ରେଲ ଆରମ୍ଭରେ ଲଙ୍କାମରିଚ, ଜିରା ଓ ଗୁଆର ଦାମ (କଟକୀ ମହଣ) ଯଥାକ୍ରମେ ଟ ୫୭୲, ଟ ୮୫୲ ଓ ଟ ୧୭୩୲ ଥିଲା, ଅପ୍ରେଲ ଶେଷକୁ ତାହା ଟ ୫୭୲, ଟ ୮୦୲, ଓ ଟ ୧୭୦୲ ହୋଇଥିଲା । ମେ ଶେଷକୁ ହେଲା ଟ ୫୨୲ ଟ ୮୦୲ ଓ ଟ ୧୫୫୲ । ହଳଦୀ, ଧନିଆ ଓ ମୋଟରୀର ଦାମ ଯଥାକ୍ରମେ ଟ ୮୭୲, ଟ ୨୭୲ ଓ ଟ ୧୯୭୲ ଥିବାସ୍ଥଳେ ଅପ୍ରେଲ ଶେଷକୁ ଯଥାକ୍ରମେ ଟ ୮୫୲, ଟ ୨୮୲ ଓ ଟ ୨୦୩୲ ହୋଇଥିଲା । ମେ ରେ ହଳଦୀ ଦାମ୍ ମହଣକୁ ଟ ୯୫୲ ହୋଇଥିଲା ।

## ଆମଦାନୀ ଓ ରପ୍ତାନୀ

| ଜିନିଷ | ଆମଦାନି ଅପ୍ରେଲ | ଆମଦାନି ମେ | ରପ୍ତାନି ଅପ୍ରେଲ | ରପ୍ତାନି ମେ |
|---|---|---|---|---|
| ଲଙ୍କାମରିଚ | ୧୧୩୭ | ୧୨୮୪ | ୨୪୭ | ୧୪୨ |
| ହଳଦୀ | ୧୫୫ | ୪୦ | ୨୮୯ | ୯୪ |
| ଧନିଆ | ୧୭୭୩ | ୨୮୩୮ | — | — |
| ଜିରା | ୧୮୦୮ | ୧୧୭୨ | ୭୫ | ୨୦ |
| ଗୁଆ | ୨୦୨୭ | ୨୩୯୨ | ୩୧୫ | ୧୩୮ |
| ଧୂଆଁପତ୍ର (କଞ୍ଚା) | ୧୩୪୮ | ୨୩୮୪ | ୨୧° | ୩୭ |
| ଧୂଆଁପତ୍ର (ବଣ୍ଡ, ସିଗାରେଟ୍ ଆକାରରେ ବ୍ୟବହୃତ) | ୭୮୦ | ୨୮୦ | ୭୨୫ (ସିଗାରେଟ୍) | ୭୮ (ଗୁଣ୍ଡାଖୁ) |

## ଫଳ ଓ ପନିପରିବା

ବମ୍ବାରୁ ବହୁତ କମ ଆଳୁ ବଜାରକୁ ଆସିଥିଲା । ଅପ୍ରେଲ ଓ ମେ ମାସରେ ମେଟାପାଲ୍ୟାମ ଓ ଫରକା-ବାଦରୁ ଆଳୁ ଆସିଥିଲା । ଏ ଦୁଇ ମାସରେ ଯଥାକ୍ରମେ ୧୨୨୦ ମହଣ ଓ ୧୦୦୪ ମହ[ଣ] ଆମଦାନି ହୋଇଥିଲା । ଦେଶୀ ଆଳୁର ଦାମ ମହଣ[କୁ] ଅପ୍ରେଲରେ ଟ ୧୦୲ ଓ ମେ ରେ ଟ ୧[...] ହୋଇଥିଲା । ନାଇନିତାଲ ଆଳୁର ଦାମ ମହଣ ପି[ଚ୍ଛା] ଟ ୧୧୲ରୁ ଟ ୧୬୲ ହୋଇଥିଲା । ନାସିକରୁ ମେ [...] ୩୯୫୦ ମହଣ ପିଆଜ ଆମଦାନି ହୋଇଥିଲା । [...] କଟକୀ ମହଣ ଟ ୯୲ ରହିଥିଲା ।

ଦେଶୀ ଆମ୍ବ ଯଥେଷ୍ଟ ମିଳୁଥିଲା । ମେ [...] ଅନ୍ଧ୍ରରୁ ୧୧୯୮୦ ଝୁଡ଼ି ଆମ୍ବ ଆସିଥିଲା । କଟକ[ରୁ] ରପ୍ତାନି ହୋଇଥିଲା ୭୩୦୦ ଝୁଡ଼ି । ଝୁଡ଼ିର ହାରାହା[ରି] ମୂଲ୍ୟ ଟ ୪୲ ଥିଲା ।

## ମାଛ

ମଧୁର ମାଛ ଯଥେଷ୍ଟ ମିଳୁଥିଲା । ଅପ୍ରେଲରେ [...] ମାଛ ଶସ୍ତା ଥିଲା । ମେ ରେ କଟକୀ ସେର ଟ ୩୲ [...] ଟ ୩୫ ଥିଲା । ବଡ଼ାଇ ଓ ଅନ୍ୟାନ୍ୟ ଭକ୍ଷ୍ୟଯୋଗ୍[ୟ] ମାଛ ବଡ଼ ଶସ୍ତା ହୋଇଥିଲା ।

ଏପ୍ରିଲରେ ଦେଶୀ ଗୁଡ଼ ପ୍ରଚୁର ବଜାରକୁ ଆସିଥିଲା । ମେ ମାସରେ ପରିମାଣ କମିଥିଲା । ଅଣକପଲି ଗୁଡ଼ ଆସିଥିବାରୁ ଗୁଡ଼ ଦର ଟ ୮୯ରୁ ଟ ୧୩୫କୁ କମି ଥିଲା । ଅଣକପଲି ଗୁଡ଼ ଏପ୍ରେଲରେ ମହଣ ପିଛା ଟ ୧୪୯ ଥିଲା, ଏପ୍ରେଲ ଶେଷକୁ ଟ ୧୩୫ ହୋଇଥିଲା । ମେ'ରେ ଦାମ ପୁଣି ଟ ୧୪୯ ହୋଇଗଲା । କଟକକୁ ୧୯୨୨ ମହଣ ଗୁଡ଼ ଏପ୍ରେଲରେ ଓ ୪୨୨୦ ମହଣ ମେ ରେ ଆମଦାନୀ ହୋଇଥିଲା । ଏପ୍ରେଲରେ କଟକରୁ ୬୪୨ ମହଣ ଗୁଡ଼ ରପ୍ତାନୀ ହୋଇଥିଲା ।

### ଲୁଣ

ନଇଁପଡ଼ାରୁ କଟକକୁ ବରାବର ଲୁଣ ଆସେ । ଏ ଦୁଇ ମାସରେ ଆଦୌ ଆସି ନ ଥିଲା । କେବଳ ଉଡ଼ାପୁର ଓ ଗଞ୍ଜାମରୁ ଲୁଣ ଆସିଥିଲା । ଏପ୍ରେଲରେ ୧୯୫୦୦ ମହଣ ଓ ମେ ରେ ୨୬୧୦୦ ମହଣ ଆମଦାନୀ ହୋଇଥିଲା । ସଫା ଲୁଣର ମହଣକେ ଟ ୦।୵ ଓ କଚ୍ଚ ଲୁଣର ମହଣକେ ଟ ୦॥୵ ଦାମ୍ ବଢ଼ିଥିଲା । ମେ ଶେଷରେ ସଫା ଲୁଣର କଟକ ମହଣ ଟ ୩।୵ ଓ କଚ୍ଚ ଲୁଣ ଟ ୩୲ ଥିଲା ।

### ମସଲା

ମୋହୁରି; ହଳଦୀ ଓ ଧନିଆର ମୂଲ୍ୟ ବଢ଼ିଥିଲା । ଗୁଆ, ଗାଲ ଓ ଲଙ୍କାମରିଚର ଦାମ କମିଥିଲା । ଏପ୍ରେଲ ଆରମ୍ଭରେ ଲଙ୍କାମରିଚ, ଗାଲ ଓ ଗୁଆର ଦାମ (କଟକ ମହଣ) ଯଥାକ୍ରମେ ଟ ୫୭୲, ଟ ୮୫୲ ଓ ଟ ୧୬୩୲ ଥିଲା, ଏପ୍ରେଲ ଶେଷକୁ ତାହା ଟ ୫୭୲, ଟ ୮୦୲, ଓ ଟ ୧୬୦୲ ହୋଇଥିଲା । ମେ ଶେଷକୁ ହେଲା ଟ ୫୬୲ ଟ ୮୦୲ ଓ ଟ ୧୫୫୲ । ହଳଦୀ, ଧନିଆ ଓ ମୋହୁରିର ଦାମ ଯଥାକ୍ରମେ ଟ ୮୭୲, ଟ ୨୭୲ ଓ ଟ ୧୯୭୲ ଥିବାସ୍ଥଳେ ଏପ୍ରେଲ ଶେଷକୁ ଯଥାକ୍ରମେ ଟ ୮୫୲, ଟ ୨୮୲ ଓ ଟ ୨୦୩୲ ହୋଇଥିଲା । ମେ ରେ ହଳଦୀ ଦାମ୍ ମହଣକୁ ଟ ୯୫୲ ହୋଇଥିଲା ।

## ଆମଦାନୀ ଓ ରପ୍ତାନୀ

| ଜିନିଷ | ଆମଦାନୀ | | ରପ୍ତାନୀ | |
|---|---|---|---|---|
| | ଏପ୍ରେଲ | ମେ | ଏପ୍ରେଲ | ମେ |
| ଲଙ୍କାମରିଚ | ୧୧୩୭ | ୧୨୮୪ | ୨୪୭ | ୧୪୨ |
| ହଳଦୀ | ୧୫୫ | ୪୦ | ୨୮୯ | ୯୪ |
| ଧନିଆ | ୧୬୬୩ | ୨୮୩୮ | ÷ | — |
| ଗାଲ | ୧୮୦୮ | ୧୧୭୨ | ୬୫ | ୨୦ |
| ଗୁଆ | ୨୦୨୭ | ୨୩୯୨ | ୩୧୩ | ୧୩୮ |
| ଧୂଆଁପତ୍ର (କଞ୍ଚା) | ୧୩୪୮ | ୨୩୮୪ | ୨୦ | ୩୨ |
| ଧୂଆଁପତ୍ର (ବିଡ଼ି, ସିଗାରେଟ୍ ଆଦିରେ ବ୍ୟବହୃତ) | ୬୮୦ | ୨୮୦ | ୨୭୫ (ସିଗାରେଟ୍) | ୭୮ (ଗୁଡ଼ାଖୁ) |


### ଫଳ ଓ ପନିପରିବା

ପୂର୍ବଠାରୁ ବହୁତ କମ ଆଳୁ ବଜାରକୁ ଆସିଥିଲା । ଏପ୍ରେଲ ଓ ମେ ମାସରେ ମେଟ୍ଟାପଲ୍ୟାମ ଓ ଫରୁଖାବାଦରୁ ଆଳୁ ଆସିଥିଲା । ଏ ଦୁଇ ମାସରେ ଯଥାକ୍ରମେ ୧୨୨୦ ମହଣ ଓ ୧୦୦୪ ମହଣ ଆମଦାନୀ ହୋଇଥିଲା । ଦେଶୀ ଆଳୁର ଦାମ ମହଣକୁ ଏପ୍ରେଲରେ ଟ ୧୦୲ ଓ ମେ ରେ ଟ ୧୧୲ ହୋଇଥିଲା । ନାଇନିତାଲ୍ ଆଳୁର ଦାମ ମହଣ ପିଛା ଟ ୧୧୲ ରୁ ଟ ୧୬୲ ହୋଇଥିଲା । ନାସିକରୁ ମେ ରେ ୩୯୫୦ ମହଣ ପିଆଜ ଆମଦାନୀ ହୋଇଥିଲା । ଦାମ କଟକ ମହଣ ଟ ୯୲ ରହିଥିଲା ।

ଦେଶୀ ଆମ୍ବ ଯଥେଷ୍ଟ ମିଳୁଥିଲା । ମେ ରେ ଅନ୍ଧ୍ରରୁ ୧୧୯୮୦ ଝୁଡ଼ି ଆମ୍ବ ଆସିଥିଲା । କଟକରୁ ରପ୍ତାନୀ ହୋଇଥିଲା ୭୩୦୦ ଝୁଡ଼ି । ଝୁଡ଼ିର ହାରାହାରି ମୂଲ୍ୟ ଟ ୪୲ ଥିଲା ।

### ମାଛ

ମଧ୍ୟମ ମାଛ ଯଥେଷ୍ଟ ମିଳୁଥିଲା । ଏପ୍ରେଲରେ ମାଛ ଶସ୍ତା ଥିଲା । ମେ ରେ କଟକ ସେର ଟ ୩୲ ରୁ ଟ ୩। ଥିଲା । କଡ଼ାହ ଓ ଅନ୍ୟାନ୍ୟ ଉଚ୍ଚଶ୍ରେଣୀ ମାଛ ଦର ଚଢ଼ା ହୋଇଥିଲା ।



# ଉତ୍କଳ ପ୍ରସଙ୍ଗ

ାଦଶ ଭାଗ ମଇ ୧୫,୧୯୫୫ ଦଶମ ସଂଖ୍ୟା